ଟିପ୍ପଣୀ

# ଏକକ-୯ : ସାମାଜିକ ବିଜ୍ଞାନରେ ଆକଳନ


୯.୦- ଉପକ୍ରମ

୯.୧- ଶିକ୍ଷଣ ଉଦ୍ଦେଶ୍ୟ

୯.୨- ସାମାଜିକ ବିଜ୍ଞାନରେ ଆକଳନ ଆଧାର

୯.୩- ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ: ପୃଷ୍ଠଭୂମି

୯.୪- ଆକଳନର ପଦ୍ଧତି

୯.୫- ପଦକ୍ରମ/ ଶ୍ରେଣୀ ବନାମ ନମ୍ବର ଦେବା ବ୍ୟବସ୍ଥା

୯.୬ - ସାରାଂଶ

୯.୭ - ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

୯.୮ - ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

୯.୯- ପାଠାନ୍ତ ପ୍ରଶ୍ନାବଳୀ


## ୯.୦- ଉପକ୍ରମ

ତୁମେ ୭ମ ଏକକରେ ସାମାଜିକ ବିଜ୍ଞାନ ଶିକ୍ଷାଦାନର ବିଭିନ୍ନ ପଦ୍ଧତି ବିଷୟରେ ଶିଖିସାରିଛ । ଏହିସବୁ ପଦ୍ଧତିଗୁଡ଼ିକ ସାମାଜିକ ବିଜ୍ଞାନ ଶିକ୍ଷଣ ଓ ଶିକ୍ଷାଦାନ ପ୍ରକ୍ରିୟାକୁ ଶିକ୍ଷଣ କାର୍ଯ୍ୟ ଭିତ୍ତିକ, ସହଭାଗୀ ଓ ଆନନ୍ଦଦାୟୀ କରିଥାଏ ଏବଂ ଶିକ୍ଷାର୍ଥୀକୁ ସାମାଜିକ ସମସ୍ୟା/ପରିସ୍ଥିତିକୁ ଭଲ ଭାବରେ ବୁଝିବାରେ ସାହଯ୍ୟ କରିଥାଏ । ସାମାଜିକ ବିଜ୍ଞାନ ଶିକ୍ଷଣ- ଶିକ୍ଷାଦାନ ପ୍ରକ୍ରିୟାକୁ ଅଧିକ ଭଲ କରିବା ପାଇଁ ତୁମେମାନେ ବିଭିନ୍ନ ପ୍ରକାର ଶିକ୍ଷଣ ସମ୍ବଳର ଚିହ୍ନଟ ଓ ବ୍ୟବହାର ଆବଶ୍ୟକ କରିଥାଅ । କିଛି ସମ୍ବଳ ପିଲାର ପରିବେଶରୁ ମିଳିଥାଏ । ପରିବେଶରେ ଉପଲବ୍ଧ ଥାଏ । ଆଉ କିଛି ସମ୍ବଳ ତିଆରି କରାଯାଏ କିମ୍ବା ବଜାରରୁ କିଣାଯାଇଥାଏ । ବର୍ତ୍ତମାନ ଶିକ୍ଷାର୍ଥୀମାନେ ଇଣ୍ଟରନେଟ୍ ମାଧ୍ୟମରେ ବିଭିନ୍ନ ୱେବ୍‌ସାଇଟ୍‌ରୁ ବହିର ମୁଖ୍ୟାଂଶ(ପାଠ୍ୟାଂଶ), ଛବି ଓ ଭିଡିଓ ଆଦି ପାଉଛନ୍ତି । ବାରମ୍ବାର ବ୍ୟବହୃତ ଶିକ୍ଷଣ ସାମଗ୍ରୀ ଯଥା ମାନଚିତ୍ର, ଗ୍ଲୋବ୍, ସମୟରେଖା, ଇତ୍ୟାଦିର ଆଲୋଚନା କରାଯାଇଛି । ସାମାଜିକ ବିଜ୍ଞାନ ଶିକ୍ଷାଦାନରେ ଶିକ୍ଷାଦାନ ସମ୍ବନ୍ଧୀୟ କୌଶଳ ଏବଂ ଶିକ୍ଷଣ ସାମଗ୍ରୀ ବ୍ୟବହାରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଶିକ୍ଷଣ ଅଭିବୃଦ୍ଧି । କିନ୍ତୁ ସାମାଜିକ ବିଜ୍ଞାନର ଜଣେ ଶିକ୍ଷକ କିପରି ନିଶ୍ଚିତ ହେବେ ଯେ ଶିକ୍ଷାର୍ଥୀର ଶିକ୍ଷଣ ହେଉଛି । ସେ ଶିକ୍ଷାଦାନ ସମୟରେ ଶିକ୍ଷାର୍ଥୀଙ୍କୁ ପ୍ରଶ୍ନ ପଚାରନ୍ତି । ନ୍ୟସ୍ତକାର୍ଯ୍ୟ ଦିଅନ୍ତି, ବିଭିନ୍ନ ପ୍ରକାର ପରୀକ୍ଷା ଯଥା କୁଇଜ୍, ଏକକ-ପରୀକ୍ଷଣ, ସମାପ୍ତି ସୂଚକ ପରୀକ୍ଷଣ ଇତ୍ୟାଦି କରନ୍ତି । ଏହି ଏକକରେ ଆମେ ସାମାଜିକ ବିଜ୍ଞାନର ମାନ ନିର୍ଦ୍ଧାରଣ ଓ ମୂଲ୍ୟାୟନ ସମ୍ପର୍କରେ ଆଲୋଚନା କରିବା । ଶିକ୍ଷାର୍ଥୀଙ୍କର ସାମାଜିକ ବିଜ୍ଞାନରେ ଶିକ୍ଷଣ ଫଳାଫଳର ଆକଳନ କରିବା ପାଇଁ କେଉଁ ପଦ୍ଧତି ଓ ପନ୍ଥା ଅବଲମ୍ବନ କରିବ ତୁମେ ଚିନ୍ତା କର । ଏହା ତୁମକୁ ଶିଶୁମାନଙ୍କ ସାମଗ୍ରିକ ସ୍ଥିତିର ବିକାଶରେ ସାହାଯ୍ୟ କରିପାରିବ କି ? ଏହା ଶିଶୁର ଶିକ୍ଷଣକୁ ତ୍ୱରାନ୍ୱିତ କରେ କି ? ତୁମେ ମୂଲ୍ୟାୟନର ଅନ୍ୟ କିଛି ବିକଳ୍ପ ଭାବୁଛ କି ? ତୁମେ ଅନୁସରଣ କରୁଥିବା ପଦ୍ଧତିରେ କଣ କଣ ତ୍ରୁଟି ଥାଏ ? ଉପରୋକ୍ତ ପ୍ରସଙ୍ଗୋଚିତ ପ୍ରଶ୍ନର ଉତ୍ତର ପାଇବା ପାଇଁ ଏହି ଏକକରେ ଆଲୋଚନା କରିବା ।

## ୯.୧. ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକଟି ପଢିସାରିବା ପରେ ତୁମେ-

- ଉଚ୍ଚ ପ୍ରାଥମିକ ସ୍ତରରେ ସାମାଜିକ ବିଜ୍ଞାନ ବିଷୟ ପାଇଁ ମୂଲ୍ୟାୟନ କରିବାର ପଦ୍ଧତି ବର୍ଣ୍ଣନା କରିପାରିବ ।

ଟିପ୍ପଣୀ

- ସାମାଜିକ ପାଠ ମୂଲ୍ୟାୟନ ପଦ୍ଧତିର ଉପକାରିତା ଓ ଅପକାରିତାର ତାଲିକା କରିପାରିବ ।
- ଶିକ୍ଷାର୍ଥୀଙ୍କ ଶିକ୍ଷଣକୁ ତ୍ୱରାନ୍ୱିତ କରିବା ପାଇଁ ସାମାଜିକ ବିଜ୍ଞାନ ମୂଲ୍ୟାୟନରେ ନୂତନ ପଦ୍ଧତି ବ୍ୟବହାର କରିପାରିବ ।
- ସାମାଜିକ ବିଜ୍ଞାନରେ ନିରନ୍ତର ସାମଗ୍ରିକ ମୂଲ୍ୟାୟନ ପନ୍ଥାକୁ ପସନ୍ଦ କରିପାରିବ ।
- ସାମାଜିକ ବିଜ୍ଞାନ ପାଠରେ ଶିକ୍ଷାର୍ଥୀର ଶିକ୍ଷଣକୁ ନିରନ୍ତର ଭାବେ ଆକଳନ କରିପାରିବ ।
- ଗ୍ରେଡ୍ ବନାମ ମାର୍କ ପଦ୍ଧତିର ଉପକାରିତାଗୁଡ଼ିକୁ ଚିହ୍ନଟ କରିପାରିବ ।
- ବିଶେଷତଃ ସାମାଜିକ ବିଜ୍ଞାନରେ ଶିକ୍ଷାର୍ଥୀର ଶିକ୍ଷଣର ମାନ ନିର୍ଦ୍ଧାରଣରେ ଗ୍ରେଡ୍ ପଦ୍ଧତିକୁ ବ୍ୟବହାର କରିପାରିବ ।

## ୯.୨- ସାମାଜିକ ବିଜ୍ଞାନରେ ଆକଳନ - ଆଧାର

ଯେତେବେଳେ ଆମେ ପ୍ରଥମ ଥର କାହା ସହିତ ସାକ୍ଷାତ କରୁ ଆମେ ମୂଲ୍ୟାୟନର କେତେକ ଆକାରରେ ନିଜକୁ ନିୟୋଜିତ କରୁ । କିଛି ବ୍ୟାଖ୍ୟା ଆମେ ସାକ୍ଷାତ କରୁଥିବା ବ୍ୟକ୍ତିଙ୍କ ଉପରେ ପ୍ରୟୋଗ କରିଥାଉ ଯଥା ମଜାଳିଆ, ବୁଦ୍ଧିମାନ, ଅହଙ୍କାରୀ/ଉଦ୍ଧତ, ଚତୁର, ନିଷ୍ଠୁର ଇତ୍ୟାଦି । ପାରସ୍ପରିକ କ୍ରିୟା ଦ୍ୱାରା ମନରେ ସୃଷ୍ଟି ହୋଇଥିବା ଧାରଣା ମଧ୍ୟ ମାନ ନିର୍ଦ୍ଧାରଣର ଏକ ମାଧ୍ୟମ । ଶିକ୍ଷକମାନେ ବିଦ୍ୟାଳୟରେ ପିଲାମାନଙ୍କର କାର୍ଯ୍ୟକଳାପର ଆକଳନ କରିବା ପାଇଁ ବହୁ ସମୟ ବିନିଯୋଗ କରିଥାନ୍ତି । ମୁଖ୍ୟତଃ ଶିକ୍ଷକମାନେ ପ୍ରତ୍ୟେକ ଦିନ ଅନୌପଚାରିକ ଭାବେ ବିତାଉଥିବା ସମୟକୁ ପର୍ଯ୍ୟବେକ୍ଷଣ କରି ନଥାନ୍ତି । ଆମର ପ୍ରଚଳିତ ବୋର୍ଡ ପରୀକ୍ଷା ବ୍ୟବସ୍ଥା ଆମର ପ୍ରତ୍ୟେକ ଦିନର ସ୍କୁଲ କାର୍ଯ୍ୟକ୍ରମ, ମୂଲ୍ୟାୟନ ପଦ୍ଧତି ଓ ଶିକ୍ଷଣ ପ୍ରକ୍ରିୟା ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ । ଆମର ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ମୂଲ୍ୟାୟନ ବିଦ୍ୟାର୍ଥୀମାନଙ୍କ ଭିତରେ ମାନସିକ ଚାପ ଓ ଉତ୍ତେଜନା ବଢ଼ାଇଥାଏ । କୌଣସି ଏକ ନିର୍ଦ୍ଦିଷ୍ଟ ଆକଳନ ପ୍ରକ୍ରିୟାକୁ ଆପଣାଇବା ପୂର୍ବରୁ ଶିକ୍ଷାର୍ଥୀମାନଙ୍କର ବିଷୟଭିତ୍ତିକ ଜ୍ଞାନ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ବର୍ତ୍ତମାନ ସାମାଜିକ ବିଜ୍ଞାନର ଆକଳନ ପଦ୍ଧତି ଉପରେ ଆଲୋଚନା କରିବା ।

ଶିକ୍ଷଣ କାର୍ଯ୍ୟ-୧

୧. ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ପ୍ରକ୍ରିୟାକୁ ଆକଳନ କରିବାର ମୁଖ୍ୟ ଉଦ୍ଦେଶ୍ୟଗୁଡ଼ିକ ପ୍ରକାଶ କର ।

୨. ଶିକ୍ଷାର୍ଥୀମାନଙ୍କୁ ସାମାଜିକ ବିଜ୍ଞାନ ପଢ଼ାଇବା ସମୟରେ କେଉଁ କେଉଁ ଦିଗ ପ୍ରତି ଧ୍ୟାନ ଦିଅ ?

୩. କେଉଁ ସମୟ ଅନ୍ତରାଳରେ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ପ୍ରକ୍ରିୟାକୁ ଆକଳନ କର ।(ଦୈନିକ, ସାପ୍ତାହିକ, ମାସିକ, ବାର୍ଷିକ)

୪. ସାମାଜିକ ବିଜ୍ଞାନରେ ପିଲାମାନଙ୍କ ଶିକ୍ଷଣ ପାଇଁ ବ୍ୟବହୃତ ସାଧନୀ ଏବଂ କୌଶଳ ଗୁଡ଼ିକର ନାମ ଲେଖ ।

---

ଉପରୋକ୍ତ ପ୍ରଶ୍ନଗୁଡ଼ିକ ବିଷୟରେ ତୁମର ମତାମତ ଆକଳନର କେଉଁ କେଉଁ ଦୃଷ୍ଟିକୋଣ ସହ ଜଡ଼ିତ ।

- ଶିକ୍ଷାର୍ଥୀମାନଙ୍କୁ କାହିଁକି ଆକଳନ କରିବା ଉଚିତ୍ ?
- କଣ ଆକଳନ କରାଯିବା ଉଚିତ୍ ?
- କେତେବେଳେ ଆକଳନ କରିବା ଉଚିତ୍ ?
- କିପରି ଆକଳନ କରିବା ଉଚିତ୍ ?
- କିପରି ଆକଳନର ସୂଚନାଗୁଡ଼ିକ ବ୍ୟବହାର କରାଯାଇପାରିବ ?



ଟିପ୍ପଣୀ

ବର୍ତ୍ତମାନ ପ୍ରଚଳିତ ଆକଳନ ସମ୍ବନ୍ଧୀୟ ନୀତି ଏବଂ ଅଭ୍ୟାସ ବିଷୟରେ ଆଲୋଚନା କରିବା ପୂର୍ବରୁ ତୁମେ ବହୁବାର ଅନୁଭବ କରିଥିବା ଏକ ପରିସ୍ଥିତିକୁ ଆସ ଦେଖିବା ।

**ରୂପରେଖ: ମାର୍କ କଣ ସୂଚିତ କରେ ?**

ପରିସ୍ଥିତି: ଗୋଟିଏ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀର ଅର୍ଦ୍ଧବାର୍ଷିକ ପରୀକ୍ଷାରେ ସାମାଜିକ ବିଜ୍ଞାନରେ ୪୦ ଜଣ ପିଲା ମୋଟ ୧୦୦ ନମ୍ବରରୁ ୨୦ରୁ ୯୫ ମଧ୍ୟରେ ରଖିଥିଲେ । ଅଧିକାଂଶ ପିଲା ୫୦ରୁ ୬୦ ମଧ୍ୟରେ ରଖିଥିଲେ । ପ୍ରଥମସ୍ଥାନ ଅଧିକାର କରିଥିବା ଛାତ୍ର ହରି ୯୫ ନମ୍ବର ରଖିଛି ଏବଂ ଗୀତା ୯୧ ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ରହିଛି । ଗୀତାର ମା' ହରି ଓ ଗୀତାର ମାର୍କ ପ୍ରଗତି ପତ୍ର ଦେଖି ତୁଳନା କରିଛନ୍ତି । ସେ ଦେଖିଲେ ଗୀତା ମୋଟାମୋଟି ଭାବରେ ପ୍ରତ୍ୟେକ ବିଷୟରେ ହରିଠାରୁ ଅଧିକ ନମ୍ବର ରଖିଛି । ଏସବୁ ସତ୍ତ୍ୱେ ସାମାଜିକ ବିଜ୍ଞାନରେ ଗୀତା ହରିଠାରୁ କମ୍ ନମ୍ବର ରଖିଥିବାରୁ ସନ୍ତୁଷ୍ଟ ନ ଥିଲେ । ଶିକ୍ଷକ ମଧ ବାଲଟିଏ ପାଣିରେ କରୋସିନ୍ ଟୋପେ ପକାଇବା ପରି ଗୀତାକୁ ନିରୁତ୍ସାହିତ କରିଛନ୍ତି । ଗୀତାର ସାଙ୍ଗମାନେ ତା'ର ନମ୍ବରକୁ ନେଇ ଏଭଳି ଟିପ୍ପଣୀ ଦେଉଛନ୍ତି ।

ବହୁତ ସମୟରେ ଏହି ପରିସ୍ଥିତି ଦେଇ ଆମେ ଗତି କରିଥାଉ । ଏହି ପ୍ରକାର ପରିସ୍ଥିତି ପ୍ରଚଳିତ ମୂଲ୍ୟାୟନ ବ୍ୟବସ୍ଥା ଶିକ୍ଷାର୍ଥୀ ମନରେ ମାନସିକ ଚାପ ଉତ୍ତେଜନା ଓ ଉଦ୍‌ବେଗକୁ ସୂଚିତ କରୁଛି । ଯେପରିକି ଉପରୋକ୍ତ ପରିସ୍ଥିତିରେ ଗୀତା ଯେଉଁ ସମସ୍ୟାର ସମ୍ମୁଖୀନ ହୋଇଛି ।

ଏହି ମୂଲ୍ୟାୟନ ବ୍ୟବସ୍ଥା ଶିକ୍ଷାର୍ଥୀ କଣ ଜାଣିଛି ଓ କଣ କରିବା ପାଇଁ ସମର୍ଥ ଏହା ଉପରେ ଗୁରୁତ୍ୱ ନ ଦେଇ ଘୋଷା ପଦ୍ଧତି ଉପରେ ଗୁରୁତ୍ୱ ଦେଉଛି । ଅଧିକାଂଶ ସମୟ ଏହା ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଅସ୍ୱାସ୍ଥ୍ୟକର ପ୍ରତିଯୋଗୀ ମନୋଭାବ ସୃଷ୍ଟି କରେ ଏବଂ ବେଳେବେଳେ ମଧ ଗୋଟିଏ ମାର୍କ ପାଇଁ ଆତ୍ମହତ୍ୟାର କାରଣ ହୋଇଥାଏ । ଏହି ପରିସ୍ଥିତିକୁ ଚିନ୍ତା କରି ନିମ୍ନ ପ୍ରଶ୍ନଗୁଡିକର ଉତ୍ତର ଦେବାକୁ ଚେଷ୍ଟା କର ।

ଶିକ୍ଷଣ କାର୍ଯ୍ୟ-୨

୧. ବାସ୍ତବରେ ଆମେ କଣ ଆକଳନ କରିବା ଉଚିତ୍ ?

୨. ପିଲା ଯାହା ଜାଣିନି ବା ଯାହା କରିପାରିବ ନାହିଁ ତାହାକୁ ଆମେ ଆକଳନ କରିବା ଉଚିତ୍ କି ?

୩. ପରୀକ୍ଷା ବ୍ୟତୀତ ଅନ୍ୟ କେଉଁ ଉପାୟରେ ଆକଳନ କରିହେବ କି ?

୪. କେବଳ ମାର୍କକୁ ଆଧାର କରି ବିବରଣୀ ପର୍ଯ୍ୟାପ୍ତ କି ?

୫. କେବଳ ମାର୍କ ପାଇବାକୁ ପିଲାଙ୍କ ମଧ୍ୟରେ ପ୍ରତିଯୋଗୀ ମନୋଭାବ ସୃଷ୍ଟି କରିବା ପାଇଁ ଉତ୍ସାହିତ କରିବା ଉଚିତ୍ କି ?

## ୯.୨.୧- ପିଲାଙ୍କୁ କାହିଁକି ଆକଳନ କରିବା

ଆକଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଶିକ୍ଷଣ ପ୍ରକ୍ରିୟାରେ ଉନ୍ନତି କରିବା ଓ ବିଶେଷତଃ ଶିକ୍ଷାର୍ଥୀମାନଙ୍କ ସାମର୍ଥ୍ୟ କେତେଦୂର ଅଗ୍ରଗତି ହୋଇଛି ତାହାକୁ ବିଚାର କରିବା । ଏହାର ଅର୍ଥ ନୁହେଁ ଯେ ବାରମ୍ବାର ପରୀକ୍ଷା କରିବା । ଭଲଭାବରେ ପ୍ରସ୍ତୁତ କରାଯାଇଥିବା ଆକଳନ ବିବରଣୀ ପ୍ରତିଦିନ ପ୍ରତିପୁଷ୍ଟି ପ୍ରଦାନ କରେ ଏବଂ ଅଧିକତର ଶିଖିବାକୁ ଉତ୍ସାହିତ କରେ । ଏହା ଅଭିଭାବକମାନଙ୍କୁ ସେମାନଙ୍କ ପିଲାମାନଙ୍କର ମୂଲ୍ୟାୟନ କରିବାରେ ସାହାଯ୍ୟ କରିଥାଏ । ଆମର ଯେଉଁ ଧାରଣା ରହିଛି ଯେ ମୂଲ୍ୟାୟନର ଉଦ୍ଦେଶ୍ୟ କେବଳ ପ୍ରତିକାରାତ୍ମକ ପଦକ୍ଷେପ ତାହା ନୁହେଁ । ବରଂ ଲିଖନ, ପଠନ ଏବଂ ଗଣନ ଦକ୍ଷତାରେ ଅସୁବିଧାର ସମ୍ମୁଖୀନ ହେଉଥିବା ପିଲାମାନଙ୍କୁ ଚିହ୍ନଟ କରିବା ।

ଯେହେତୁ ଆମେ ପିଲାମାନଙ୍କର ଶିକ୍ଷଣକୁ ଅଧିକ ଗୁରୁତ୍ୱ ଦେଉଛନ୍ତି, ତେଣୁ ଆକଳନର ଉଦ୍ଦେଶ୍ୟ ହେଉଛି ପିଲାଙ୍କ ଶିକ୍ଷଣରେ ଉନ୍ନତି ଆଣିବା ଏବଂ ତାକୁ ମାପିବା । ସେଥିପାଇଁ ତୁମେମାନେ ଆକଳନର ଉଦ୍ଦେଶ୍ୟକୁ ନେଇ ସଚେତନ ହେବା ଆବଶ୍ୟକ ।



ଟିପ୍ପଣୀ

ଶିକ୍ଷଣ କାର୍ଯ୍ୟ-୩

୧ ସାମାଜିକ ବିଜ୍ଞାନରେ ତୁମେ ଯେଉଁ ଉଦ୍ଦେଶ୍ୟ / କାରଣ ନେଇ ତାହାର ଆକଳନ କରିଥାଅ ତାହା ବର୍ଣ୍ଣନା କର ।

**ନିମ୍ନରେ ଆକଳନର କେତେକ ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ଦିଆଗଲା-**

- ଏକ ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ କେତେ ପରିମାଣର ଶିକ୍ଷଣ ଓ କଣ ପରିବର୍ତ୍ତନ ହୋଇଛି ତାକୁ ଅନ୍ୱେଷଣ କରିବା ।
- ବ୍ୟକ୍ତିଗତ ଚାହିଦା ଓ ଆବଶ୍ୟକତାକୁ ଚିହ୍ନଟ କରିବା ।
- ଶିକ୍ଷଣ ଓ ଶିକ୍ଷାଦାନ ପ୍ରକ୍ରିୟାକୁ ସଠିକ୍ ଭାବରେ ପ୍ରସ୍ତୁତ କରିବା ।
- ଶିକ୍ଷାର୍ଥୀ କଣ ଜାଣିଛି ଓ କଣ କରିପାରିବ ତାକୁ ସେ ବିଷୟରେ ବୁଝିବାର ସାହାଯ୍ୟ କରିବା ।
- ପାଠ୍ୟଖସଡାର ଉଦ୍ଦେଶ୍ୟ କେତେଦୂର ହାସଲ ହୋଇଛି ତାକୁ ଖୋଜି ବାହାର କରିବା ।
- ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟାରେ ଉନ୍ନତି ଆଣିବା ।
- ଅଭିଭାବକମାନଙ୍କୁ ଶିକ୍ଷାର୍ଥୀଙ୍କର ବିଭିନ୍ନ ବିଷୟରେ ଉନ୍ନତି ସମ୍ପର୍କରେ ଅବଗତ କରାଇବା ।
- ପିଲାମାନଙ୍କ ମଧ୍ୟରେ ଆକଳନ ସମ୍ପର୍କରେ ଥିବା ସମସ୍ତ ଭୟକୁ ଦୂର କରିବା ।
- ଏକତ୍ର ଶିଖିବା ପାଇଁ ପିଲାମାନଙ୍କୁ ଉତ୍ସାହିତ ଓ ସହାୟତା କରିବା ।

**ଆକଳନର ଉଦ୍ଦେଶ୍ୟ ନୁହେଁ -**

- ମାର୍କ ପାଇଁ ପିଲାମାନଙ୍କ ଭିତରେ ପ୍ରତିଯୋଗିତା ମନୋଭାବ ସୃଷ୍ଟି କରିବା ।
- କଣ ଜାଣିଛ ଓ କଣ କରିପାରିବ ନାହିଁ ଚିହ୍ନଟ କରିବା ।
- ଶିକ୍ଷାର୍ଥୀଙ୍କ ସ୍ତର ଯଥା- ମନ୍ଥରଗାମୀ ଶିକ୍ଷାର୍ଥୀ, କିମ୍ବା ମେଧାବୀ ଶିକ୍ଷାର୍ଥୀ କିମ୍ବା ସମସ୍ୟା ଥିବା ଶିକ୍ଷାର୍ଥୀ ନାମରେ ନାମିତ କରିବା
- ପ୍ରତିକାରାତ୍ମକ ଶିକ୍ଷା ଆବଶ୍ୟକ କରୁଥିବା ପିଲାଙ୍କୁ ଚିହ୍ନଟ କରିବା ।
- ଶିକ୍ଷଣ ଅସୁବିଧା ଓ ସମସ୍ୟା କ୍ଷେତ୍ରର ନିଦାନ କରିବା ।
- ପରୀକ୍ଷାରେ ଅଧିକ ମାର୍କ ରଖିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ସାହାଯ୍ୟ କରିବା ।
- ପରୀକ୍ଷାରେ ସ୍ଥାନ (ପ୍ରଥମ/ଦ୍ୱିତୀୟ) ହାସଲ କରିବା ପାଇଁ ପିଲାମାନଙ୍କୁ ଉତ୍ସାହିତ କରିବା ।

**୯.୨.୨- କଣ ଆକଳନ ହେବା ଉଚିତ୍**

ଶିକ୍ଷା ପିଲାମାନଙ୍କୁ ଏକ ଅର୍ଥପୂର୍ଣ୍ଣ ଓ କାର୍ଯ୍ୟ ଭିତ୍ତିକ ଦକ୍ଷତା ପ୍ରସ୍ତୁତ କରିବାରେ ସହାୟକ ହୋଇଥାଏ । ତେଣୁ ଏହା ପିଲାମାନଙ୍କର ସର୍ବାଙ୍ଗୀନ ବିକାଶ ଯଥା- ଶାରିରୀକ, ମାନସିକ, ସାମାଜିକ, ଜ୍ଞାନାତ୍ମକ, ଭୈତିକ ଏବଂ ଭାବାତ୍ମକ ବିକାଶ ପାଇଁ ଯତ୍ନବାନ ଅଟେ । ପିଲାମାନଙ୍କର ସାମଗ୍ରିକ ବିକାଶ ପାଇଁ ବିଦ୍ୟାଳୟ ସହାୟତା ଓ ପ୍ରୋତ୍ସାହନ ପ୍ରଦାନ କରିବା ଉଚିତ୍ । ତେଣୁ ଆମେ ନିଜକୁ ପ୍ରଶ୍ନ କରିବା ଆବଶ୍ୟକ ଯେ ପିଲାମାନଙ୍କର ଶିକ୍ଷଣର କେଉଁ ଦିଗକୁ ଆକଳନ କରିବା ଉଚିତ୍ ?

ଆକଳନ କରିବା ସମୟରେ ଆମେ କେଉଁ ଦିଗ ପ୍ରତି ବିଶେଷ ଦୃଷ୍ଟି ଦେବା ଆବଶ୍ୟକ ? ତେଣୁ ଏସବୁ ବିଷୟକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ପିଲାମାନଙ୍କୁ କେବଳ ବିଷୟାଗତ ଆକଳନରେ ସୀମିତ ରଖା ନ ଯାଇ ସବୁ ଦିଗ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ । ଦୁର୍ଭାଗ୍ୟବଶତଃ ବର୍ତ୍ତମାନର ମୂଲ୍ୟାୟନ ବ୍ୟବସ୍ଥା ପିଲାମାନଙ୍କ

ଦକ୍ଷତା ଓ ଉନ୍ନତିର ସବୁ ଦିଗକୁ ଧ୍ୟାନ ନ ଦେଇ କେବଳ ସୀମିତ ଦିଗ ପ୍ରତି ଧ୍ୟାନକେନ୍ଦ୍ରୀତ କରିଛି । ତେଣୁ ଏହି ପରିପ୍ରେକ୍ଷୀରେ ପିଲାମାନଙ୍କୁ ଉଭୟ ବିଦ୍ୟାଳୟ ଭିତରେ ଓ ବାହାରେ କରୁଥିବା କାର୍ଯ୍ୟ ଆଧାରରେ ଆକଳନ କରାଯିବା ଉଚିତ୍ ।

ସାମାଜିକ ବିଜ୍ଞାନର ଯେକୌଣସି ଏକକକୁ ନେଇ ତା ପାଇଁ କେଉଁ ସବୁ ଶିକ୍ଷଣ କାର୍ଯ୍ୟ କରାଯାଇପାରିବ ତା ଉପରେ ମତାମତ ଦିଅ ।

**ଶିକ୍ଷଣ କାର୍ଯ୍ୟ- ୪**

ପ୍ରାଥମିକ ସ୍ତରର ବିଦ୍ୟାଳୟ ଭିତରେ ଓ ବାହାରେ କରାଯାଉଥିବା ଶିକ୍ଷଣ କାର୍ଯ୍ୟ ଆକଳନର ରୂପରେଖ ପ୍ରସ୍ତୁତ କର ଯାହା ପ୍ରାରମ୍ଭିକ ସ୍ତରରେ ସାମାଜିକ ବିଜ୍ଞାନ ଶିକ୍ଷଣର ଆକଳନରେ ନିଆଯିବା ଉଚିତ୍ ।

---

ନିମ୍ନରେ ଦିଆଯାଇଥିବା ପିଲାମାନଙ୍କର କେତେକ କାର୍ଯ୍ୟ ଯାହା ଆକଳନ ପରିପ୍ରେକ୍ଷୀରେ ବିଚାର କରାଯିବାର ଆବଶ୍ୟକତା ରହିଛି ।

- ଶିକ୍ଷାର୍ଥୀଙ୍କ ବିଷୟଗତ କ୍ଷେତ୍ରରେ ପିଲାମାନଙ୍କର ଶିକ୍ଷଣ ।
- ପିଲାଙ୍କର ଆଗ୍ରହ, ଦକ୍ଷତା, ଉତ୍ସାହ ଓ ମନୋବୃତ୍ତି ।
- ସାମାଜିକ କାର୍ଯ୍ୟକ୍ରମରେ ପିଲାଙ୍କ ଅଂଶଗ୍ରହଣ ।
- ଉଭୟ ବିଦ୍ୟାଳୟ ବାହାରେ ଓ ଭିତରେ ବିଭିନ୍ନ ପରିସ୍ଥିତି ଓ ସୁଯୋଗ ନିମିତ୍ତ ପିଲାମାନଙ୍କର ପ୍ରତିକ୍ରିୟା ।
- ବିଭିନ୍ନ ସହ-ଶୈକ୍ଷିକ କାର୍ଯ୍ୟ କ୍ରମରେ ପିଲାଙ୍କର ଅଂଶଗ୍ରହଣ ।

## ୯.୨.୩. କେତେବେଳେ ଆକଳନ ହେବା ଉଚିତ୍

ଏକ ଜଟିଳ ପ୍ରଶ୍ନ ଯାହାକି ଅଧିକାଂଶ ସମୟରେ ପଚରାଯାଇଥାଏ ଯେ ଶିକ୍ଷାର୍ଥୀଙ୍କୁ କେତେବେଳେ ଓ କିପରି ଆକଳନ କରିବା ଉଚିତ୍ । ଅଧିକାଂଶ ଶିକ୍ଷକଙ୍କର ଏହି ମତାମତ ଯେ ଶିକ୍ଷଣ ଓ ଆକଳନ ପ୍ରକ୍ରିୟା ଏକା ସାଙ୍ଗେ ଏବଂ ନିରନ୍ତର ଭାବେ ଚାଲିବା ଉଚିତ୍ । ଆଉ କେତେଜଣ ଏହାର ବିରୋଧ କରନ୍ତି, ଯେହେତୁ ନିରନ୍ତର ଆକଳନ ଶିକ୍ଷଣ ସମୟକୁ କମାଇ ଦେଇଥାଏ । ନିମ୍ନରେ ଦିଆଯାଇଥିବା ଶିକ୍ଷଣ କାର୍ଯ୍ୟ ତୁମର ଚିନ୍ତାଧାରକୁ ପରିମାର୍ଜିତ କରିବ ।

**ଶିକ୍ଷଣ କାର୍ଯ୍ୟ -୫**

୧. ନିମ୍ନଲିଖିତ ମଧ୍ୟରୁ ଆକଳନ ସମ୍ବନ୍ଧୀୟ କେଉଁ ମତାମତକୁ ଗ୍ରହଣ କର? ୧) କିମ୍ବା ୨) କିମ୍ବା ଦୁଇଟା ଯାକ? ନିଜ ମତାମତର ଯଥାର୍ଥତା ପ୍ରତିପାଦନ କର?

କ) ବିଷୟବସ୍ତୁ କ୍ଷେତ୍ରରେ ଶିକ୍ଷଣ ଫଳାଫଳର ଆକଳନ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟା ସହ ନିରନ୍ତର ଚାଲିବା ଉଚିତ୍ ।

ଖ) ବିଷୟବସ୍ତୁ କ୍ଷେତ୍ରରେ ଶିକ୍ଷଣ ଫଳାଫଳ ଥରେ (ବାର୍ଷିକ) ବା ଦୁଇଥର (ଅର୍ଦ୍ଧ ବାର୍ଷିକ) ସଂଗଠିତ ହେବା ଉଚିତ୍ ।

---

ଅନେକ କାରଣ ପ୍ରଥମ ଉକ୍ତିକୁ ସମର୍ଥନ କଲା ଭଳି ଅଛି । ଏକ ଉତ୍ତମ ମୂଲ୍ୟାୟନ ଶିକ୍ଷଣ ପ୍ରକ୍ରିୟାର ଏକ ପୂର୍ଣ୍ଣାଙ୍ଗ ଅଂଶ ଏବଂ ଏହା ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ପାଇଁ ପ୍ରତିପୁଷ୍ଟି ପ୍ରଦାନ କରିବାରେ ସହାୟକ ହୋଇଥାଏ । ଅନୌପଚାରିକ ଭାବେ ଶିକ୍ଷକମାନେ ନିୟମିତ ଶିକ୍ଷାର୍ଥୀମାନଙ୍କୁ ପର୍ଯ୍ୟବେକ୍ଷଣ କରିଥାନ୍ତି । ଏହି ଅନୌପଚାରିକ ପର୍ଯ୍ୟବେକ୍ଷଣ ଅଧିକ ଭାବରେ ଶିକ୍ଷଣ ପ୍ରକ୍ରିୟାକୁ ବିକଶିତ କରିଥାଏ । ଏହି ମୂଲ୍ୟାୟନ ପ୍ରକ୍ରିୟା ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ କରାଯାଇପାରିଲେ ଏହା ଶିକ୍ଷକମାନଙ୍କୁ ତଥ୍ୟ ସଂଗ୍ରହରେ ସହାୟକ ହୋଇପାରିବ । ତେଣୁ ଆକଳନ ସର୍ବଦା ଏକ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ କରାଯିବା ଉଚିତ୍ ।

ଆକଳନ କରାଯାଇପାରେ -

୧. ଦୈନିକ ଆଧାରରେ ବିଦ୍ୟାଳୟ ଭିତରେ ଏବଂ ବାହାରେ ଶିକ୍ଷାର୍ଥୀମାନଙ୍କୁ ନିରନ୍ତର ଭାବେ ପାରସ୍ପରିକ

ଟିପ୍ପଣୀ

ଅନ୍ତଃ କ୍ରିୟା ମାଧ୍ୟମରେ ଆକଳନ

୨. ସାମୟିକ : ୩ ରୁ ୪ ମାସ ଭିତରେ ଥରେ, ଶିକ୍ଷକ ଯାଞ୍ଚ କରିପାରନ୍ତି ଏବଂ ପ୍ରତିଫଳନ କରିପାରନ୍ତି ।

ଉତ୍ସ NCERT 2008 p.7

ପ୍ରତ୍ୟେକ ପିଲାର ଏକ ପ୍ରୋଫାଇଲ ପ୍ରସ୍ତୁତ କରିବା ନିରନ୍ତର ଆକଳନ ସୂଚିତ କରେ । ଶିକ୍ଷାର୍ଥୀମାନଙ୍କ ଶିକ୍ଷଣ ଅଭିବୃଦ୍ଧି ନିମିତ୍ତ ଚିନ୍ତା କରିବା, ପ୍ରତିପୁଷ୍ଟି ପାଇବା, ଯୋଜନା କରିବା ଓ କାର୍ଯ୍ୟକାରୀ କରିବାର ଉପାୟଗୁଡିକୁ ସ୍ଥିର କରିବା ପାଇଁ ଏହା ଆବଶ୍ୟକ ହୋଇଥାଏ । ତେଣୁ ନିରନ୍ତର ଆକଳନକୁ ଶିକ୍ଷଣ ଓ ଆକଳନର ଏକ ଚକ୍ର ଭାବେ ସୂଚିତ କରାଯାଏ ।

### ୯.୨.୪. କିପରି ଆକଳନ କରିବା ଉଚିତ୍

ତୁମେ ପରିଚିତ ହୋଇସାରିଲଣି ଯେ ଆକଳନ ପ୍ରକ୍ରିୟା ଚକ୍ରାକାର ଓ ନିରନ୍ତର । ଏହା ସୂଚିତ କରେ ଯେ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାର ଏହା ଏକ ଅବିଚ୍ଛେଦ୍ୟ ଅଙ୍ଗ । ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟା ସହ ଏହା ଆରମ୍ଭ ଓ ଶେଷ ହୋଇଥାଏ । ତୁମେ ମଧ୍ୟ ଜାଣ ଯେ ଆକଳନ କେତେକ ସୋପାନ ଓ ପ୍ରକ୍ରିୟା ଅନୁସରଣ କରିଥାଏ । ଆସ ଆମେ ଏହି ସବୁ ସୋପାନ ବିଷୟରେ ଆଲୋଚନା କରିବା ।

### ୯.୨.୪.୧- ପିଲାମାନଙ୍କ ବିଷୟରେ ତଥ୍ୟ ସଂଗ୍ରହ କରିବା

ମାନ ନିର୍ଦ୍ଧାରଣ ହେଉଛି ତଥ୍ୟ ସଂଗ୍ରହର ଏକ ବ୍ୟବସ୍ଥିତ ପ୍ରକ୍ରିୟା, ଯାହାକି ବ୍ୟକ୍ତି କିମ୍ବା ବସ୍ତୁଗୁଡିକର ଲକ୍ଷଣ ଗୁଣ ବିଷୟରେ ଅନୁମାନ କରିବା ପାଇଁ ବ୍ୟବହାର କରାଯାଏ । (AREA et. al.1999; Reported in Reynolds et al. 2009,p.3) ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଓ ପ୍ରଗତି ବିଷୟରେ ତଥ୍ୟ ସଂଗ୍ରହ କରିବା ପ୍ରସଙ୍ଗରେ ଦୁଇଟି ଜିନିଷ ଗୁରୁତ୍ୱପୂର୍ଣ୍ଣ । ପ୍ରଥମ ବିଭିନ୍ନ ଉତ୍ସରୁ ତଥ୍ୟ ସଂଗ୍ରହ କରିବା ଏବଂ ଦ୍ୱିତୀୟରେ ବିଭିନ୍ନ ପ୍ରଣାଳୀ କିମ୍ବା ସାଧନୀ ଓ କୌଶଳର ବ୍ୟବହାର କରିବା । ଏହି ଦୁଇଟି ବିଷୟରେ ଆଲୋଚନା କରିବା ପୂର୍ବରୁ ନିମ୍ନରେ ପ୍ରଦତ୍ତ ତୁମ ଅଭିଜ୍ଞତା ଆଧାରିତ ଶିକ୍ଷଣ କାର୍ଯ୍ୟର ଉତ୍ତର ଦିଅ ।

**ଶିକ୍ଷଣ କାର୍ଯ୍ୟ-୬**

ତୁମ ପିଲାମାନଙ୍କର ଶିକ୍ଷଣ ଓ ପ୍ରଗତି ବିଷୟରେ ତୁମେ ତଥ୍ୟ ସଂଗ୍ରହ କରୁଥିବା ଉତ୍ସ ଏବଂ ତା ବିପକ୍ଷରେ ବ୍ୟବହାର କରୁଥିବା ପ୍ରଣାଳୀ ବା ସାଧନୀ ଏବଂ କୌଶଳଗୁଡିକର ନାମ ଲେଖ ।

| ତଥ୍ୟର ଉତ୍ସ ସମୂହ | ପ୍ରଣାଳୀ/ସାଧନୀ ଏବଂ କୌଶଳ ସମୂହ |
|---|---|
| କ. ........... | ......................... |
| ଖ. ................ | .......................... |

ଅଧିକାଂଶ ବିଦ୍ୟାଳୟରେ ଦେଖାଯାଇଛି ଯେ ଶିକ୍ଷକ ହେଉଛନ୍ତି ତଥ୍ୟର ପ୍ରାଥମିକ ଉତ୍ସ । ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଉତ୍ସଗୁଡିକ ହେଉଛି-

- ନିଜେ ଶିକ୍ଷାର୍ଥୀ
- ଅଭିଭାବକ
- ଶିକ୍ଷାର୍ଥୀର ସାଙ୍ଗ
- ଗୋଷ୍ଠୀ ସଦସ୍ୟମାନେ
- ପ୍ରଧାନ ଶିକ୍ଷକ
- ବିଦ୍ୟାଳୟ ନଥିପତ୍ର (ଉପସ୍ଥାନ ଖାତା)

ପରବର୍ତ୍ତୀ ପ୍ରଶ୍ନ ହେଉଛି ଯେ ବିଭିନ୍ନ ଉତ୍ସରୁ ତଥ୍ୟ କିପରି ସଂଗ୍ରହ କରାଯିବ । ସମସ୍ତ ବିଦ୍ୟାଳୟରେ ପର୍ଯ୍ୟବେକ୍ଷଣ କରାଯାଇଛି ଯେ ଅଧିକାଂଶ ବ୍ୟବହୃତ ପଦ୍ଧତିଗୁଡିକ ହେଲା- ଶ୍ରେଣୀ ପରୀକ୍ଷଣ, ନ୍ୟସ୍ତକାର୍ଯ୍ୟ, ପେପର-ପେନସିଲ୍ ପରୀକ୍ଷଣ, ଲିଖିତ ଓ ମୌଖିକ ପରୀକ୍ଷା, ଛବି ଦେଖାଇ ପ୍ରଶ୍ନ ଓ ଶିକ୍ଷାର୍ଥୀମାନଙ୍କ ସହ ଆଲୋଚନା । ତେଣୁ ଆମେ ମନେ ରଖିବା ଉଚିତ୍ ଯେ କୌଣସି ଗୋଟିଏ ସାଧନୀ, କୌଶଳ କିମ୍ବା ପଦ୍ଧତି ଗୋଟିଏ ପିଲାର ଶିକ୍ଷଣ ପ୍ରଗତି ବିଷୟରେ ସମସ୍ତ ତଥ୍ୟ ଯୋଗାଇ ପାରିବ ନାହିଁ । ସେହିଗୁଡିକ ବିଭିନ୍ନ ସମୟରେ କଣ ଆକଳନ କରାଯାଉଛି ତା ଉପରେ ନିର୍ଭର କରି ବ୍ୟବହାର କରାଯାଇପାରିବ ।

### ୯.୨.୪.୨- ତଥ୍ୟର ଲିପିବଦ୍ଧକରଣ କରିବା

ସାଧାରଣତଃ ତଥ୍ୟର ଲିପିବଦ୍ଧକରଣ ପ୍ରଗତି ପତ୍ର ବ୍ୟବହାର ମାଧ୍ୟମରେ କରାଯାଇଥାଏ । ସାରା ଦେଶର ବିଦ୍ୟାଳୟଗୁଡିକରେ ଅଧିକାଂଶ ପ୍ରଗତି ପତ୍ର ପିଲାମାନେ ପରୀକ୍ଷାରେ ପାଇଥିବା ମାର୍କ କିମ୍ବା ଗ୍ରେଡ୍ ଆକାରରେ ତଥ୍ୟ ବହନ କରିଥାଏ । ଏହି ପ୍ରଗତି ପତ୍ରଗୁଡିକ ପିଲାର ଶିକ୍ଷଣ ଓ ପ୍ରଗତି ବିଷୟରେ ସର୍ବେକ୍ଷଣ ତଥ୍ୟ ପ୍ରଦାନ କରିପାରେ ନାହିଁ । ଲିପିବଦ୍ଧକରଣରେ ପର୍ଯ୍ୟବେକ୍ଷଣର ଲିଖିତ ବିବରଣୀ ଏବଂ ନ୍ୟସ୍ତ କାର୍ଯ୍ୟରେ ପିଲାଙ୍କ ଫଳାଫଳ ଉପରେ ମନ୍ତବ୍ୟ, ପିଲାମାନେ କଣ କରନ୍ତି ଓ କିପରି ବ୍ୟବହାର ପ୍ରଦର୍ଶନ କରନ୍ତି, ଅନ୍ୟମାନଙ୍କ ପ୍ରତି ବ୍ୟବହାରର ଘଟଣା ଆଦି ବିଷୟରେ ବିବରଣୀ ଇତ୍ୟାଦି ସ୍ଥାନ ପାଇବା ଆବଶ୍ୟକ ।

ଫଳପ୍ରଦ ଲିପିବଦ୍ଧକରଣ

- ପର୍ଯ୍ୟବେକ୍ଷଣ ବିବରଣୀ ତତ୍‌କ୍ଷଣାତ ଡାଏରୀରେ ଲିପିବଦ୍ଧ କରିବା ।
- ଶିକ୍ଷଣ କାର୍ଯ୍ୟ ଚାଲୁଥିବା ସମୟରେ ଶିକ୍ଷାର୍ଥୀର କାର୍ଯ୍ୟକୁ ଆକଳନ କରିବା ।
- ପିଲାର କାର୍ଯ୍ୟ ଉପରେ ବର୍ଣ୍ଣନାତ୍ମକ ବିବରଣୀ ଲେଖିବା ।
- ଶିକ୍ଷାର୍ଥୀର ଏକ ପାର୍ଶ୍ୱଚିତ୍ର/ରୂପରେଖ ପ୍ରସ୍ତୁତି କରିବା ।
- ପିଲାର କାର୍ଯ୍ୟ ନମୁନାକୁ କୃତି ଫଳକରେ ରଖିବା ।
- ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ଲେଖି ରଖିବା ।
- ଲିପିବଦ୍ଧ କରିବା ବେଳେ ଶିକ୍ଷାର୍ଥୀର ସନ୍ଦେହକୁ ଦୂର କରିବା ।

### ୯.୨.୪.୩- ସଂଗୃହୀତ ତଥ୍ୟର ବିଶ୍ଳେଷଣ/ ବ୍ୟାଖ୍ୟାକରଣ

ତଥ୍ୟ ଲିପିବଦ୍ଧକରଣର ପରବର୍ତ୍ତୀ ସୋପାନ ହେଉଛି ସଂଗୃହୀତ ତଥ୍ୟର ବ୍ୟାଖ୍ୟାକରଣ । ଶିକ୍ଷାର୍ଥୀ କେଉଁ ସ୍ତରରେ ଅଛି ଓ ତାକୁ ସାହାଯ୍ୟ କରିବା ପାଇଁ ଆଉ କଣ କରାଯିବ-ଏହା ବୁଝିବା ଓ ସିଦ୍ଧାନ୍ତ ନିରୂପଣ କରିବାରେ ତଥ୍ୟ ବିଶ୍ଳେଷଣ ସାହାଯ୍ୟ କରେ ।

ଏହା ଖୁବ୍ ଗୁରୁତ୍ୱପୂର୍ଣ୍ଣ ଯେ ତଥ୍ୟ ସଂଗ୍ରହ ପ୍ରକ୍ରିୟା ସଂଗୃହୀତ ତଥ୍ୟ କିମ୍ବା ପ୍ରମାଣ ପାଇଗଲେ ବନ୍ଦ ହେବା ଉଚିତ୍ ନୁହେଁ । ତୁମେ ଏହାକୁ ପୁନଶ୍ଚ କିଛି ଗୁଣାତ୍ମକ ମନ୍ତବ୍ୟ ସହ ଆଗକୁ ନେବା ଦରକାର । ବେଳେବେଳେ ଦେଖାଯାଏ ଯେ ପିଲାର ଉତ୍ତର ଠିକ୍ କିମ୍ବା ଭୂଲ୍ କିମ୍ବା 'କ' କିମ୍ବା 'ଖ' ଦ୍ୱାରା ଚିହ୍ନଟ କରାଯାଏ । ତେଣୁ ମାର୍କିଂ ବା ଗ୍ରେଡିଂ ବାହାରକୁ ଯିବା ଆବଶ୍ୟକ । ଅର୍ଥାତ ମାର୍କ ବା ଗ୍ରେଡ୍ ପୁନଶ୍ଚ ବର୍ଣ୍ଣନା କରିବା ଉଚିତ୍ । ଏହା ଦ୍ୱାରା ଶିକ୍ଷାର୍ଥୀର ଉପଲବ୍ଧି ଫଳାଫଳ କାହିଁକି ଏପରି ହୋଇଛି ତାହା ଜଣାପଡେ । ଏହି ପ୍ରକାର ତଥ୍ୟର ଆକଳନ ଶିକ୍ଷାଦାନ ଶିକ୍ଷଣ ଅଭ୍ୟାସ ଏବଂ ଶିକ୍ଷାର୍ଥୀର ଶିକ୍ଷଣକୁ ଉନ୍ନତି କରିଥାଏ ।

ଡି.ଏମ୍ ସ୍କୁଲ, ଭୁବନେଶ୍ୱର(ଓଡ଼ିଶା)ର ଜଣେ ଛାତ୍ର ଆକାଶ ଯେ କି ୨୦୧୧ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା ଦେଇଥିଲା । ତାର ନିରନ୍ତର ଓ ସାମଗ୍ରିକ ପ୍ରମାଣପତ୍ର ଦେଖ । ଏହି ପ୍ରମାଣପତ୍ରରେ ଶିକ୍ଷଣର ବର୍ଣ୍ଣନାତ୍ମକ ସୂଚନାଗୁଡିକ ପ୍ରତି ଗ୍ରେଡ୍ ବିପକ୍ଷରେ ବ୍ୟବହୃତ ହୋଇଛି ।

**ରୂପରେଖ :** ନବମ ଶ୍ରେଣୀ ଛାତ୍ର ଆକାଶ ପାଇଁ ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନର ପ୍ରମାଣ ପତ୍ର

ଟିପ୍ପଣୀ

ଟିପ୍ପଣୀ- ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନର ସେହି ପ୍ରମାଣ ପତ୍ର କ'ଣ କେବଳ ବିଷୟବସ୍ତୁକୁ ଅନ୍ତର୍ଭୁକ୍ତ କରେ କି ? ଏହା ଶୈକ୍ଷିକ କ୍ଷେତ୍ର ଯଥା: ଭାଷା, ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନ ଇତ୍ୟାଦିରେ ଶିକ୍ଷାର୍ଥୀର ଉପଲବ୍ଧିକୁ ଅନ୍ତର୍ଭୁକ୍ତ କରେ ନାହିଁ କି ? ପରୀକ୍ଷା କର ।

| ବିଷୟ କ୍ଷେତ୍ର | ବିବରାଣତ୍ମକ ସୂଚକ | ଗ୍ରେଡ |
|---|---|---|
| | କର୍ମାନୁଭୂତି ଶିକ୍ଷା, କଳା ଓ ସୌନ୍ଦର୍ଯ୍ୟ ଶିକ୍ଷା ଏବଂ ଶାରିରୀକ ଶିକ୍ଷା | |
| କର୍ମାନୁଭୂତି ଶିକ୍ଷା | ସହଭାଗୀ, ସମୟ ଉପଯୋଗୀ ଏବଂ ଯୋଜନାବଦ୍ଧ, ପ୍ରେରଣାଦାୟୀ ଓ ସାହାଯ୍ୟପୂର୍ଣ୍ଣ ଏବଂ ସକାରାତ୍ମକ ମନୋବୃତ୍ତି ସଂପନ୍ନ ଅଟେ କି । | A |
| କଳା ଓ ସୌନ୍ଦର୍ଯ୍ୟ ଶିକ୍ଷା | ସୃଜନାତ୍ମକ ଓ ଉତ୍ତମ ପର୍ଯ୍ୟବେକ୍ଷଣ ସହ ମୌଳିକ ଅଟେ କି ? କଳା ଓ ସୌନ୍ଦର୍ଯ୍ୟକୁ ବାସ୍ତବ ଜୀବନ ସହିତ ଯୋଡ଼ିବା ପାଇଁ ଇଚ୍ଛାଶକ୍ତିକୁ ପ୍ରଦର୍ଶନ କରେ ଏବଂ କଳାକାରର କାର୍ଯ୍ୟକୁ ପ୍ରଶଂସା କରେ । | A |
| ସ୍ୱାସ୍ଥ୍ୟ ଏବଂ ଶାରିରୀକ ଶିକ୍ଷା/ ଖେଳ | କଶାରୀରିକ ଯୋଗ୍ୟତାର ଭାବନାକୁ ପ୍ରଦର୍ଶନ କରେ । ନିରାପଦ ନିୟମ ଓ ସଚେତନତା, ବିଭିନ୍ନ ଖେଳକୁଦର ନିୟମ ଜାଣିବା ଏବଂ ଆତ୍ମଶୃଙ୍ଖଳ ବିଷୟରେ ଜ୍ଞାନ, ସ୍ୱାସ୍ଥ୍ୟ ଓ ଶାରିରୀକ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମରେ ଭାଗ ନିଏ ଏବଂ ଉତ୍ସାହିତ ହୁଏ । | A+ |
| | ଜୀବନ କୌଶଳ | |
| ଚିନ୍ତନ କୌଶଳ | କଳ୍ପନାଶୀଳ, ସମସ୍ୟା ଚିହ୍ନଟ କରିବା ସହ ନୂଆ ଧାରଣା ସୃଷ୍ଟି କରିପାରେ ଏବଂ ନିଷ୍ପତ୍ତି ନେଇପାରେ । | A |
| ସାମାଜିକ କୌଶଳ | ସହାନୁଭୂତିପୂର୍ଣ୍ଣ ଅଟେ । ଅନ୍ୟମାନଙ୍କ ସହ ଭଲ ଭାବରେ ମିଶିପାରେ, ସକ୍ରିୟ ଭାବେ ଶୁଣେ ଏବଂ ଶାରୀରିକ ଭାଷା ଓ ଭାବନା ସହିତ ଉଚିତ୍ ସମନ୍ୱୟ ରକ୍ଷା କରେ । | A |
| ଭାବାତ୍ମକ କୌଶଳ/ ଭାବନାତ୍ମକ | ସାମର୍ଥ୍ୟକୁ ଚିହ୍ନେ ଓ ଦୁର୍ବଳତାକୁ ଦୂର କରିବାରେ ସମସର୍ଥ ଅଟେ । ଚାପର କାରଣ ଚିହ୍ନିଟ କରିପାରେ ଏବଂ ଏଥିରୁ ମୁକ୍ତି ପାଇବା ପାଇଁ ବହୁମୁଖୀ କୌଶଳ ପ୍ରୟୋଗ କରେ । ସକାରାତ୍ମକ ଭାବବ୍ୟକ୍ତ କରିପାରେ । | A+ |
| | ମନୋଭାବ ଏବଂ ମୂଲ୍ୟବୋଧ | |
| ଶିକ୍ଷକ | ଶ୍ରେଣୀ କକ୍ଷ ଭିତରେ ସବୁବେଳେ ସମ୍ମାନ ଓ ସୌଜନ୍ୟ ଦେଖାଇଥାଏ । ସମ୍ମାନ କରେ ଓ ଶ୍ରେଣୀ ଶିକ୍ଷକଙ୍କ ଅନୁସରଣ ଓ ସ୍କୁଲ ନିୟମଗୁଡିକ ପାଳନ କରେ ଏବଂ ଏଥିରେ ଏକ ସକାରାତ୍ମକ ଦୃଷ୍ଟିକୋଣ ଥାଏ । | A |
| ସ୍କୁଲସାଥୀ | ସାଙ୍ଗମାନଙ୍କ ସହ ଏକ ସୁସ୍ଥ ସମ୍ପର୍କ ସ୍ଥାପନ କରେ, ସହପାଠୀମାନଙ୍କ ସହ ଫଳପ୍ରଦ କଥାବାର୍ତ୍ତା କରେ, ମୌଳିକ ଧାରଣାକୁ ବିନିମୟ କରେ ଏବଂ ଅନ୍ୟର ଚିନ୍ତାଧାରାକୁ ସମ୍ମାନ କରେ ଓ ସହାୟକ ହୋଇଥାଏ । | A |
| ବିଦ୍ୟାଳୟ କାର୍ଯ୍ୟକ୍ରମ | ଅଧିକାଂଶ ବିଦ୍ୟାଳୟ କାର୍ଯ୍ୟକ୍ରମରେ ସେ ଜଣେ ନିୟମିତ ଯୋଗଦାନକାରୀ ଅଟେ । ସେ ଦାୟିତ୍ୱସମ୍ପନ୍ନ ଓ ସୁସ୍ଥ ବିଦ୍ୟାଳୟ ମନୋଭାବ ପ୍ରଦର୍ଶନ କରିଥାଏ । | A |

ଟିପ୍ପଣୀ

| ବିଷୟ କ୍ଷେତ୍ର | ବିବରାଣତ୍ମକ ସୂଚକ | ଗ୍ରେଡ |
|---|---|---|
| ପରିବେଶ | ପରିବେଶ ପ୍ରତି ସଚେତନ, ସମ୍ବେଦନଶୀଳ ଏବଂ ଦାୟିତ୍ୱପୂର୍ଣ୍ଣ ଅଟେ । ବିଦ୍ୟାଳୟ ଏବଂ ଗୋଷ୍ଠୀସ୍ତରରେ ପରିବେଶ ସମ୍ବନ୍ଧୀୟ କାର୍ଯ୍ୟକଳାପରେ ଭାଗନିଏ ଏବଂ ପଶୁପକ୍ଷୀ, ବୃକ୍ଷଲତା ଏବଂ ଅନ୍ୟ ମନୁଷ୍ୟମାନଙ୍କର ଯତ୍ନ ନେଇଥାଏ । | A |
| ମୂଲ୍ୟବୋଧ | ନିୟମ ପାଳନ କରେ, ସଚୋଟତା ଏବଂ ଆତ୍ମସମ୍ମାନର ଅଧିକାରୀ । ନମ୍ର ଦୟାଳୁ, ସହାୟକ ଏବଂ ଦାୟିତ୍ୱବାନ ଅଟେ । ବିଭିନ୍ନତା ଏବଂ ବୀପରିତ ଲିଙ୍ଗ ପ୍ରତି ସମ୍ମାନ କରିଥାଏ । ଏବଂ ନାଗରିକତାରେ ଏକ ସକାରାତ୍ମକ ଦୃଷ୍ଟିକୋଣ ଓ ଭାବନା ପ୍ରଦର୍ଶୀତ କରିଥାଏ । | A |
| | ସହ-ଶୈକ୍ଷିକ କାର୍ଯ୍ୟକ୍ରମ | |
| ସାହିତ୍ୟକ ଓ ସୃଜନାତ୍ମକ ଦକ୍ଷତା | ବ୍ୟାପକ ରୂପେ ପଢେ ଏବଂ ଲିଖିତ ଓ କଥିତ ଗ୍ରନ୍ଥକୁ ପସନ୍ଦ କରେ । ମତ ଓ ଧାରଣାକୁ ସ୍ପଷ୍ଟ ଭାବେ ବ୍ୟକ୍ତ କରେ ଏବଂ ସାଙ୍ଗମାନଙ୍କୁ ସହଯୋଗ କରେ । | A |
| ବୈଜ୍ଞାନିକ ଏବଂ ସୂଚନା ଯୋଗାଯୋଗ ପ୍ରଯୁକ୍ତି ବିଦ୍ୟାର ଦକ୍ଷତା/କୌଶଳ | ବିଦ୍ୟାଳୟ ଓ ଆନ୍ତଃବିଦ୍ୟାଳୟ ସ୍ତରରେ ବିଜ୍ଞାନଭିତ୍ତିକ ସ୍ତରରେ ଭାଗନିଏ । ଭଲ ପ୍ରୟୋଗାତ୍ମକ ଦକ୍ଷତା ଓ ବୈଜ୍ଞାନିକ ମନୋଭାବ ଏବଂ ତୀକ୍ଷ୍ଣ ପର୍ଯ୍ୟବେକ୍ଷକ ଅଟେ । | A |
| | ଶାରୀରିକ ଓ ସ୍ୱାସ୍ଥ୍ୟ ଶିକ୍ଷା | |
| ଖେଳକୁଦ/ ଦେଶୀୟ ଖେଳ(ଖୋ-ଖୋ) ଇତ୍ୟାଦି | ନିର୍ଦ୍ଧାରିତ ଖେଳରେ ନିଜ ପ୍ରତିଭା ପ୍ରଦର୍ଶିତ କରିଥାଏ । ସହନଶୀଳତା, ସାମର୍ଥ୍ୟ ଓ ଗତି ଆହରଣ କରିଥାଏ । ହାତ ଓ ଆଖିର ସମନ୍ୱୟ କ୍ଷିପ୍ର ଓ ନମନୀୟ ଅଟେ । ବିଦ୍ୟାଳୟ ପାଇଁ ପ୍ରତିନିଧିତ୍ୱ କରେ । | A |
| NCC/NSS | ଗୋଷ୍ଠୀ ସେବାରେ ରୁଚି ଓ ଆଗ୍ରହ ଦେଖାଏ । ଦାୟିତ୍ୱ ଓ ଶୃଙ୍ଖଳା ଭାବ ସହିତ ନେତୃତ୍ୱ କୌଶଳ ପ୍ରଦର୍ଶିତ କରିଥାଏ । ଦଳରେ ଭଲ କାମ କରେ ଏବଂ ନ୍ୟସ୍ତ କାର୍ଯ୍ୟ ସମ୍ପାଦନ କରେ । ଶିବିରରେ ଭାଗ ନିଏ । | A |

ଆକାଶର ପ୍ରମାଣ ପତ୍ର ଦେଖ ଏବଂ ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ ।

ଶିକ୍ଷଣ କାର୍ଯ୍ୟ-୭

୧. ଯଦି ଆକାଶର ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ ପ୍ରମାଣ ପତ୍ରରେ କେବଳ ଗ୍ରେଡ୍ ଦିଆଯାଇଥାନ୍ତା (ବର୍ଣ୍ଣନାତ୍ମକ ସୂଚନା ନଥାନ୍ତା), ଏହା କଣ ଆମକୁ ତାର ପ୍ରଦର୍ଶନ ବିଷୟରେ ସମ୍ପୂର୍ଣ୍ଣ ଧାରଣା ଦେଇପାରିଥାନ୍ତା । ତୁମ ଉତ୍ତରର ଯଥାର୍ଥତା ପ୍ରତିପାଦନ କର ।

୨. ଆକାଶର ସହ ଶୈକ୍ଷିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ବିଷୟରେ ତୁମେ କଣ ଜାଣିଛ ?

---

**ନିଜ ଅଗ୍ରଗତି ଆକଳନ - ୧**

୧. ପ୍ରାରମ୍ଭିକ ସ୍ତରରେ ସାମାଜିକ ବିଜ୍ଞାନ ଆକଳନର ଉଦ୍ଦେଶ୍ୟଗୁଡ଼ିକୁ ବର୍ଣ୍ଣନା କର ।

.......................................................................................................................................

.......................................................................................................................................

୨. ଆକଳନର ମୁଖ୍ୟ ସୋପାନଗୁଡ଼ିକୁ ସଂକ୍ଷିପ୍ତରେ ବର୍ଣ୍ଣନା କର ।

..........................................................................................................................

..........................................................................................................................

ଟିପ୍ପଣୀ

## ୯.୩. ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ : ପୃଷ୍ଠଭୂମି

ପାରମ୍ପରିକ ଶିକ୍ଷା ବ୍ୟବସ୍ଥାକୁ ସମାଲୋଚନା କରିବାର କାରଣ ହେଉଛି ଏହା ଘୋଷା ପଦ୍ଧତିକୁ ଅଧିକ ପ୍ରାଧାନ୍ୟ ଦିଏ ଏବଂ ଏହା ପିଲାମାନଙ୍କର ସୀମିତ ଜ୍ଞାନାତ୍ମକ ବିକାଶରେ ସହାୟକ ହୋଇଥାଏ ଏବଂ ପିଲାମାନଙ୍କର ସାମାଜିକ ଏବଂ ବ୍ୟକ୍ତିଗତ ଗୁଣାବଳୀର ବିକାଶରେ ସହାୟକ ହୋଇପାରେ ନାହିଁ । ପରୀକ୍ଷା ପଦ୍ଧତି ଶିକ୍ଷାର୍ଥୀମାନଙ୍କୁ ବହି ଅପେକ୍ଷା ବାସ୍ତବ ଜୀବନରୁ ଦୂରେଇ ଦେଇଥାଏ । ଶିକ୍ଷାର୍ଥୀମାନଙ୍କର ଆକଳନ ଅଧିକମାତ୍ରାରେ ବିଭିନ୍ନ କୈନ୍ଦ୍ରିକ ବିଷୟର ଉପଲବ୍ଧି ଉପରେ ଆଲୋକପାତ କରିଥାଏ ଏବଂ ବିକାଶର ଅନ୍ୟ ଦିଗଗୁଡ଼ିକ ଯଥା- ସାମାଜିକ, ଭାବାତ୍ମକ, ଶାରୀରିକ, ବ୍ୟକ୍ତିଗତ ଅବହେଳିତ ହୋଇଥାଏ । ବିବରଣୀ ପତ୍ର ଶିକ୍ଷାର୍ଥୀର ଦକ୍ଷତା ଅପେକ୍ଷା ଦୋଷ ଦୁର୍ବଳତାକୁ ଅଧିକ ଦର୍ଶାଇଥାଏ । ପିଲାମାନଙ୍କର ଦୁର୍ବଳ ପ୍ରଦର୍ଶନ ପ୍ରଚଳିତ ଶିକ୍ଷା ପଦ୍ଧତି ଏବଂ ଆକଳନର ଦିଗ ଅପେକ୍ଷା ପିଲାମାନଙ୍କର ଜ୍ଞାନାତ୍ମକ ପଦ୍ଧତିକୁ ଅଧିକ ପ୍ରାଧାନ୍ୟ ଦେଇଥାଏ । ତେଣୁ ପାରମ୍ପରିକ ପରୀକ୍ଷା ବ୍ୟବସ୍ଥା ପିଲାମାନଙ୍କର ସର୍ବାଙ୍ଗୀନ ଉନ୍ନତିରେ କମ୍ ସହାୟତା ହୋଇଥାଏ ।

ତୁମ ବିଦ୍ୟାଳୟରେ ଅନୁସରଣ କରାଯାଉଥିବା ଶିକ୍ଷଣ ଓ ପ୍ରଗତି ସମ୍ବନ୍ଧୀୟ କୌଶଳଗୁଡ଼ିକ ଚିନ୍ତାକର ଓ ନିମ୍ନରେ ଦିଆଯାଇଥିବା ଶିକ୍ଷଣ କାର୍ଯ୍ୟର ଉତ୍ତର ଦିଅ ।

**ଶିକ୍ଷଣ କାର୍ଯ୍ୟ - ୮**

୧. ସାମାଜିକ ବିଜ୍ଞାନରେ ପିଲାମାନଙ୍କର ଶିକ୍ଷଣ ଓ ପ୍ରଗତିକୁ ଆକଳନ କରିବା ପାଇଁ ତୁମେ କେଉଁ ପଦ୍ଧତି ବ୍ୟବହାର କର ?

୨. ତୁମ ବିଦ୍ୟାଳୟରେ ଅନୁସରଣ କରାଯାଉଥିବା ଆକଳନ ପଦ୍ଧତି ଓ ଶିକ୍ଷଣ ପ୍ରଗତିର ସାମର୍ଥ୍ୟ ଓ ଦୁର୍ବଳତା ବିଷୟରେ ମତାମତ ଦିଅ / ବ୍ୟକ୍ତ କର ।

---

ତୁମେ ଏଥିରେ ସହମତ ଯେ ପ୍ରତ୍ୟେକ ପିଲା କେତେକ ଦିଗରେ ଅଲଗା । ଆମେ ଚାହୁଁ ଯେ ପ୍ରତ୍ୟେକ ପିଲା ନିଜ କ୍ଷମତା ଅନୁସାରେ ବଢୁ ଏବଂ ଦେଶର ସାମାଜିକ, ଆର୍ଥିକ ଓ ରାଜନୈତିକ ପ୍ରଗତିରେ ଜଣେ ପ୍ରଭାବଶାଳୀ ହିତାଧିକାରୀ ହେଉ । ଏଥିପାଇଁ ବିଦ୍ୟାଳୟ ବ୍ୟବସ୍ଥାରେ ଆକଳନ ପ୍ରକ୍ରିୟାରେ ପିଲାଙ୍କ ଉପଯୁକ୍ତ ବିକାଶର ଆବଶ୍ୟକ ଅଛି । ଆମ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ବହୁଦିନ ଧରି ଚେଷ୍ଟା ଚାଲିଛି । ବିଶେଷତଃ ମାନ ନିର୍ଦ୍ଧାରଣ ପ୍ରକ୍ରିୟା ଶିକ୍ଷାର୍ଥୀଙ୍କର ଶିକ୍ଷଣକୁ ବଢାଏ ଏବଂ ଦୃଢୀଭୂତ କରିଥାଏ । ଆସନ୍ତୁ କେତେକ ମୁଖ୍ୟ ପ୍ରୟାସ ଯଥା - ସୁପାରିଶ, ନୀତି ଆଧାର ଓ ଅଧିନିୟମ ଉପରେ ଦୃଷ୍ଟି ଦେବା ।

୧. ଶିକ୍ଷା ଆୟୋଗ ୧୯୬୪-୬୬ ରେ କୁହାଯାଇଛି ଯେ, ମୂଲ୍ୟାୟନ ଏକ ନିରନ୍ତର ପ୍ରକ୍ରିୟା ଏବଂ ସମଗ୍ର ଶିକ୍ଷା ବ୍ୟବସ୍ଥାର ଏକ ପୂର୍ଣ୍ଣାଙ୍ଗ ଅଂଶ ଏବଂ ଶୈକ୍ଷିକ ଉଦ୍ଦେଶ୍ୟ ସହିତ ଅନ୍ତରଙ୍ଗ ଭାବେ ଜଡ଼ିତ । ତେଣୁ ମୂଲ୍ୟାୟନର କୌଶଳଗୁଡ଼ିକ ବୈଧ, ବିଶ୍ୱାସ ଯୋଗ୍ୟ, ଉଦ୍ଦେଶ୍ୟ ଭିତ୍ତିକ ଏବଂ ବ୍ୟାବହାରିକ ହେବା ଉଚିତ୍ ଏବଂ ଶିକ୍ଷାର୍ଥୀର ଆକଳନ ସମୟରେ ବିଭିନ୍ନ ପ୍ରକାରର କୌଶଳ ଅବଲମ୍ବନ କରିବା ଉଚିତ୍ ।

୨. ଜାତୀୟ ଶିକ୍ଷାନୀତି ୧୯୮୬ ବିଦ୍ୟାଳୟ ଶିକ୍ଷାର ପ୍ରତ୍ୟେକ ସ୍ତରରେ ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନର ଆବଶ୍ୟକତାକୁ ବିଚାର କରିଥାଏ ଯାହାକି ଉଭୟ ଶୈକ୍ଷିକ ଓ ଅଣଶୈକ୍ଷିକ ଦିଗକୁ ଅନ୍ତର୍ଭୁକ୍ତ କରିଥାଏ ଓ ନିର୍ଦ୍ଧାରିତ ସମୟ ମଧ୍ୟରେ ବିସ୍ତୃତ ହୋଇଥାଏ ।

୩. କାର୍ଯ୍ୟକାରୀ ନୀତି ୧୯୯୨ ମଧ୍ୟ ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନର ଅବଧାରଣାକୁ ପୁଣି ଥରେ କହିଥାଏ । ଜାତୀୟ ପରୀକ୍ଷା ସଂସ୍କାର ଆଧାର ପ୍ରସ୍ତୁତ ପାଇଁ ଆହ୍ୱାନ କରିଥାଏ । ବିଶେଷ ପରିସ୍ଥିତିରେ ପରୀକ୍ଷା ଢାଞ୍ଚାକୁ ଅଭିନବ ଉପାୟରେ ଗ୍ରହଣ କରିବା ପାଇଁ ସ୍ୱାଧୀନତା ଦେଇଥାଏ ।

୪. ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫ ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନକୁ ସୁପାରିଶ କରିଥାଏ ଏବଂ ବିଦ୍ୟାଳୟ ପଦ୍ଧତିରେ ନମନୀୟତା ଆଣିବା ପାଇଁ ପ୍ରସ୍ତାବ ଦେଇଥାଏ । ଶିକ୍ଷାର୍ଥୀଙ୍କ ଆକଳନ କାର୍ଯ୍ୟ ଉପରେ ଗୁରୁତ୍ୱ ଦେଇଥାଏ ।

୫. ଶିକ୍ଷା ଅଧିକାର ଅଧିନିୟମ ୨୦୦୯ ଅନୁସାରେ ପ୍ରାରମ୍ଭିକ ସ୍ତରରେ ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ ବାଧ୍ୟତାମୂଳକ ଅଟେ । ଧାରା ୨୯ରେ କୁହାଯାଇଛି ଯେ ନିରନ୍ତର ସାମଗ୍ରିକ ମୂଲ୍ୟାୟନକୁ ବ୍ୟବହାର କରି ପାଠ୍ୟକ୍ରମ ଏବଂ ମୂଲ୍ୟାୟନ ପଦ୍ଧତି ଶିକ୍ଷାର୍ଥୀଙ୍କୁ ଭୟ, ଆଘାତ ଏବଂ ଚିନ୍ତାରୁ ମୁକ୍ତ କରିପାରିବ ଏବଂ ଧାରା ୩ (୧) ରେ କୁହାଯାଇଛି ଯେ ପ୍ରାରମ୍ଭିକ ଶିକ୍ଷା ସମାପ୍ତ ନ ହେବା ପର୍ଯ୍ୟନ୍ତ କୌଣସି ଶିକ୍ଷାର୍ଥୀ ବୋର୍ଡ ପରୀକ୍ଷା ପାସ୍ କରିବା ଆବଶ୍ୟକତା ନାହିଁ । ତେଣୁ ବିଦ୍ୟାଳୟ କାର୍ଯ୍ୟକ୍ରମରେ ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ ବ୍ୟବସ୍ଥା ଆବଶ୍ୟକ ।

### ୯.୩.୧- ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନର ଧାରଣା

ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ ହେଉଛି ମୂଲ୍ୟାୟନର ଏକ ପ୍ରକ୍ରିୟା । ଯାହାକି ବିଦ୍ୟାଳୟ ପର୍ଯ୍ୟବେକ୍ଷିତ ଏବଂ ଶିକ୍ଷାର୍ଥୀର ସାମଗ୍ରିକ ବିକାଶ ପାଇଁ ଉଦ୍ଦିଷ୍ଟ । ଏହି ଉକ୍ତିରେ ୩ଟି ପଦ ରହିଛି । 'ନିରନ୍ତର' ଶବ୍ଦଟି ଶିକ୍ଷାର୍ଥୀଙ୍କୁ ନିରନ୍ତର ଅନୁଧ୍ୟାନ କରି ସେମାନଙ୍କ ଶିକ୍ଷଣ ଓ ପ୍ରଗତି ସମ୍ପର୍କରେ ତଥ୍ୟ ସଂଗ୍ରହକୁ ବୁଝାଇଥାଏ । ଯେପରିକି ଶିକ୍ଷାର୍ଥୀଟିଏ ବିଦ୍ୟାଳୟରେ ପ୍ରବେଶ କରିବା ପୂର୍ବରୁ ମୂଲ୍ୟାୟନ କରି ତା'ର ପ୍ରବେଶିକା ଯୋଗ୍ୟତା ନିର୍ଣ୍ଣୟ କରିବା, ପଢାଇବା ବେଳେ ପ୍ରତ୍ୟେକ ପାଠର ଗଠନମୂଳକ ମୂଲ୍ୟାୟନ କରି ପିଲାଟି ଅଧିକ ପାଠକୁ ହୃଦ୍‌ବୋଧ କରିବାରେ ତାର ଦୋଷ ଦୁର୍ବଳତା ଚିହ୍ନଟ କରି ଉପଯୁକ୍ତ ପ୍ରତିକାରମୂଳକ ବ୍ୟବସ୍ଥା ଅବଲମ୍ବନ କରିବା ଇତ୍ୟାଦିକୁ ହିଁ ନିରନ୍ତର ମୂଲ୍ୟାୟନ କୁହାଯାଏ । 'ସାମଗ୍ରିକ' ଶବ୍ଦଟି ମୂଲ୍ୟାୟନ କ୍ଷେତ୍ରରେ ଶୈକ୍ଷିକ ବିଷୟ ବସ୍ତୁ, କାର୍ଯ୍ୟକ୍ରମ, ସାମାଜିକ ବ୍ୟକ୍ତିଗତ ଗୁଣାବଳୀ ଓ କର୍ମ ଓ କଳାଶିକ୍ଷାକୁ ଅନ୍ତର୍ଭୁକ୍ତ କରିଥାଏ । ବିଭିନ୍ନ ପ୍ରକାରର ମୂଲ୍ୟାୟନ ସାଧନ ଓ କୌଶଳ ବ୍ୟବହାର କରି ଶିକ୍ଷକ ବିଭିନ୍ନ ସୂତ୍ରରୁ ପ୍ରତ୍ୟେକ ଶିକ୍ଷାର୍ଥୀର ଶିକ୍ଷଣ ଓ ପ୍ରଗତି ସମ୍ପର୍କରେ ପରିମାଣାତ୍ମକ ଓ ଗୁଣାତ୍ମକ ତଥ୍ୟ ସଂଗ୍ରହ କରନ୍ତି । ଶିକ୍ଷଣ ପ୍ରକ୍ରିୟା ଦ୍ୱାରା ଶିକ୍ଷାର୍ଥୀମାନଙ୍କର ବୌଦ୍ଧିକ ବିକାଶ କେତେଦୂର ସାଧିତ ହୋଇପାରିଛି ଏବଂ ଅନ୍ୟାନ୍ୟ ଶୈକ୍ଷିକ ଦିଗ ଯଥା-ଆଗ୍ରହ, ଅଭିରୁଚି, ବ୍ୟକ୍ତିଗତ ଓ ସାମାଜିକ ଗୁଣ, ଉପଯୁକ୍ତ ମନୋବୃତ୍ତି ଏବଂ ଶାରୀରିକ ଅଭିବୃଦ୍ଧି ଆଦିରେ ସେମାନଙ୍କର କେତେ ଦୂର ପ୍ରଗତି ହୋଇପାରୁଛି, ଏସବୁ ବିଷୟରେ ମୂଲ୍ୟାୟନ କରିବା ପଦ୍ଧତିକୁ ସାମଗ୍ରିକ ମୂଲ୍ୟାୟନ କୁହାଯାଏ ।

### ୯.୩.୨- ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନର ଉଦ୍ଦେଶ୍ୟ

୧. ମୂଲ୍ୟାୟନକୁ ଶିକ୍ଷଣ ଶିକ୍ଷାଦାନ ପ୍ରକ୍ରିୟାର ଏକ ଅବିଚ୍ଛେଦ୍ୟ ଅଂଶ ରୂପେ ବିବେଚିତ କରିବା ।

୨. ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଓ ପ୍ରଗତି ପାଇଁ ମୂଲ୍ୟାୟନକୁ ଏକ ସାଧୀନ ରୂପେ ବ୍ୟବହାର କରିବା ।

୩. ସ୍ୱ-ଶିକ୍ଷଣ ଏବଂ ସ୍ୱ-ମୂଲ୍ୟାୟନକୁ ପ୍ରୋତ୍ସାହିତ କରିବା ।

୪. ଶିକ୍ଷାର୍ଥୀର ଶିକ୍ଷଣ ଅଗ୍ରଗତି, ଶିକ୍ଷଣ ପ୍ରକ୍ରିୟା, ଶିକ୍ଷଣ ମାତ୍ରା ଏବଂ ଶିକ୍ଷଣ କାର୍ଯ୍ୟାବଳୀ, ସୁ-ବିଚାର ଏବଂ ନିଷ୍ପତ୍ତି ନେବା ଦରକାର ।

୫. ଶିକ୍ଷାର୍ଥୀମାନେ ପରୀକ୍ଷା ସମୟରେ ସମ୍ମୁଖୀନ ହେଉଥିବା ମାନସିକ ଆବେଗ, ଭୟ, ଆଘାତ ଓ ଚାପର ଦୂରୀକରଣ ।

୬. ବିଦ୍ୟାଳୟ ଆଧାରିତ ମୂଲ୍ୟାୟନକୁ ବଜାୟ ରଖିବା ।

୭. ବାହ୍ୟ ପରୀକ୍ଷାକୁ ନିରୁତ୍ସାହିତ କରିବା ।

ଉପରୋକ୍ତ ଆଲୋଚନାର ପୃଷ୍ଠଭୂମିର ଆଧାରରେ ନିମ୍ନଲିଖିତ ଶିକ୍ଷଣ କାର୍ଯ୍ୟ ଚିନ୍ତା କର ।

**ଶିକ୍ଷଣ କାର୍ଯ୍ୟ-୯**

ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ ସଂପକ (ସପକ୍ଷ ଓ ବିପକ୍ଷ) ରେ ନିଜର ମତାମତ ପ୍ରଦାନ କର ।

---

### ୯.୩.୩- ଶିକ୍ଷାର୍ଥୀ ଆକଳନର ଦିଗ ସମୂହ

ପ୍ରାରମ୍ଭିକ ଶ୍ରେଣୀଗୁଡିକରେ ଶିକ୍ଷାର୍ଥୀଙ୍କ ପ୍ରଗତି ପାଇଁ ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ ଯୋଜନାରେ ୪ଟି ଦିଗ ରହିଛି ।

୧. ଶୈକ୍ଷିକ କ୍ଷେତ୍ର

୨. ଅନ୍ୟାନ୍ୟ ଶୈକ୍ଷିକ କ୍ଷେତ୍ର

୩. ଶୈକ୍ଷିକ କାର୍ଯ୍ୟକ୍ରମ

ଟିପ୍ପଣୀ

୪. ସାମାଜିକ ଓ ବ୍ୟକ୍ତିଗତ ଗୁଣାବଳୀ ସମୂହ

**୯.୩.୩.୧ ଶୈକ୍ଷିକ କ୍ଷେତ୍ରରେ ମୂଲ୍ୟାୟନ**

ପ୍ରାରମ୍ଭିକ ସ୍ତରରେ ପାଠ୍ୟ ବିଷୟ ଯଥା ଭାଷା, ଗଣିତ, ବିଜ୍ଞାନ, ସାମାଜିକ ପାଠ, ଇଂରାଜୀ ଇତ୍ୟାଦିକୁ ଶୈକ୍ଷିକ କ୍ଷେତ୍ରରେ ଅନ୍ତର୍ଭୁକ୍ତ କରାଯାଇଥାଏ । ଏହି ସବୁ ବିଷୟରେ ମୂଲ୍ୟାୟନ ନିରନ୍ତର ଭାବେ ଏବଂ ଶିକ୍ଷାବର୍ଷ ଆରମ୍ଭରୁ କରାଯିବା ଆବଶ୍ୟକ । ଆକଳନର ସମୟ ବ୍ୟବଧାନ ସ୍ଥୁଳ କରିବା ଉଚିତ୍ ଯଥା- ମାସିକ, ତ୍ରୈମାସିକ ଓ ବାର୍ଷିକ ଇତ୍ୟାଦି । ଏହି ସମୟ ମଧ୍ୟରେ ପଢାଯାଇଥିବା ପ୍ରସଙ୍ଗଗୁଡିକର ଆକଳନ କରିବା ହିଁ ଉଚିତ୍ । ଆକଳନ କରାଯାଇଥିବା ପ୍ରସଙ୍ଗଗୁଡିକର ପୁନରାବୃତ୍ତି ଅନାବଶ୍ୟକ । ଏହିପରି ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ହେଉଥିବା ଆକଳନର ଉଦ୍ଦେଶ୍ୟ ହେଉଛି ଶିକ୍ଷଣ ଓ ପ୍ରଗତିର ପ୍ରତିଫଳନ । ତେଣୁ ଏହି ସବୁ ଆକଳନ ବେଳେ ଲିଖିତ ପରୀକ୍ଷା ଉପରେ ଆଧାରିତ ହେବା ଉଚିତ୍ ନୁହେଁ । ଏଥିପାଇଁ ଶିକ୍ଷକ ବିଭିନ୍ନ ପ୍ରକାରର ସାଧନୀ ଓ କୌଶଳ ଯଥା- ମୌଖିକ ପରୀକ୍ଷା, ପ୍ରକଳ୍ପ କାର୍ଯ୍ୟ, ନ୍ୟସ୍ତ କାର୍ଯ୍ୟ, ଶ୍ରେଣୀ କାର୍ଯ୍ୟ, ନମୁନା ଏବଂ ବିବରଣୀ ପ୍ରସ୍ତୁତି ଇତ୍ୟାଦି ବାଛିବା ଉଚିତ୍ । ଏହି ପର୍ଯ୍ୟାୟଭିତ୍ତିକ ଆକଳନ ଶ୍ରେଣୀ ଭିତରେ କିମ୍ବା ବାହାରେ ଦୈନିକ ଆକଳନ ହେବା ଉଚିତ୍ । ଏହା ଶିକ୍ଷାଦାନରେ କିମ୍ବା ଶିକ୍ଷଣ ସମୟରେ ଆକଳନ ହେବା ଉଚିତ୍ ।

**ଶିକ୍ଷଣ କାର୍ଯ୍ୟ-୧୦**

୧. ତୁମ ବିଦ୍ୟାଳୟରେ ବିଭିନ୍ନ ପାଠ୍ୟ ବିଷୟରେ କରାଯାଉଥିବା ଶିକ୍ଷଣ ପ୍ରଗତି ଆକଳନର ସମୟ ବ୍ୟବଧାନ ସମ୍ପର୍କରେ ଉଲ୍ଲେଖ କର ।

୨. ବିଭିନ୍ନ ଶୈକ୍ଷିକ ବିଷୟରେ ଦୈନିକ ଓ ପର୍ଯ୍ୟାୟଭିତ୍ତିକ ଶିକ୍ଷଣ ପ୍ରଗତିରେ ଉପଯୋଗ କରାଯାଉଥିବା ସାଧନୀ ଏବଂ କୌଶଳଗୁଡିକର ନାମ ଲେଖ ।

---

**୯.୩.୩.୨- ଅନ୍ୟାନ୍ୟ ପାଠ୍ୟକ୍ରମଭିତ୍ତିକ ଦିଗର ମୂଲ୍ୟାୟନ**

ବିଷୟବସ୍ତୁ ସ୍ୱରୂପ ଏବଂ ଶିକ୍ଷଣ ଶିକ୍ଷାଦାନ ପ୍ରକ୍ରିୟା ଏବଂ ଅଭ୍ୟାସ ଭିତ୍ତିରେ ବିଭିନ୍ନ ବିଷୟ ଯଥା- କଳାଶିକ୍ଷା, ସ୍ୱାସ୍ଥ୍ୟ ଓ ଶାରିରୀକ ଶିକ୍ଷା ଏବଂ କର୍ମାନୁଭୂତି ଶିକ୍ଷାକୁ ଅନ୍ୟାନ୍ୟ ପାଠ୍ୟ ବିଷୟରେ ଅନ୍ତର୍ଭୁକ୍ତ କରାଯାଇଛି । ଏହି ବିଷୟ ସମୂହ ଅଧିକ ପ୍ରୟୋଗାତ୍ମକ ଅନୁଭୂତି ଓ କୌଶଳଭିତ୍ତିକ ହେବା ଆବଶ୍ୟକ ।

ଅଧିକାଂଶ କ୍ଷେତ୍ରରେ ଶ୍ରେଣୀ ଭିତରେ ଓ ବାହାରେ ଏହି ସବୁ ଦିଗରେ ଶିକ୍ଷାର୍ଥୀର ଶିକ୍ଷଣ ଓ ପ୍ରଗତିର ଆକଳନ ମୁଖ୍ୟତଃ ପର୍ଯ୍ୟବେକ୍ଷଣ ମାଧ୍ୟମରେ କରାଯିବା ଉଚିତ୍ । ଉଦାହରଣସ୍ୱରୂପ- ଦଳରେ ପ୍ରକଳ୍ପ କାର୍ଯ୍ୟ କରିବା, ଶ୍ରେଣୀ ଗୃହରେ କାର୍ଯ୍ୟ ସମ୍ପାଦନା କରିବା, ଦଳରେ ସହଭାଗୀ ଶିକ୍ଷଣ ସମୟରେ କଥାବାର୍ତ୍ତା ହେବା ।

| ଶିକ୍ଷଣ କାର୍ଯ୍ୟର ନାମ | ପର୍ଯ୍ୟାପ୍ତ ସମ୍ବଳ ଉପଲବ୍ଧ ଅଛିକି ? | ଅଭିଭାବକଙ୍କ ସହମତି | ଅସୁବିଧା ଯଦି କିଛି ଥାଏ |
|---|---|---|---|
| ୧ | | | |
| ୨ | | | |
| ୩ | | | |
| ୪ | | | |
| ୫ | | | |

ନିମ୍ନରେ ପ୍ରାରମ୍ଭିକ ସ୍ତରରେ ବିଭିନ୍ନ ଶ୍ରେଣୀ ପାଇଁ କେତେକ ଶୈକ୍ଷିକ କାର୍ଯ୍ୟକ୍ରମ ଦିଆଯାଇଛି ।

୧. ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପାଇଁ ପାଠ୍ୟକ୍ରମଭିତ୍ତିକ କାର୍ଯ୍ୟାବଳୀ

କ. ଭାଷା କୌଶଳ (ଅଭିନୟ ସହ ଆବୃତ୍ତି, ଘଟଣାର ବର୍ଣ୍ଣନା, ଗଳ୍ପ କଥନ ଓ ଅଙ୍କନ)

ଖ. ପର୍ଯ୍ୟବେକ୍ଷଣର ସ୍ୱରୂପ

ଗ. ଖେଳକୁଦ

ଘ. ଅନ୍ୟାନ୍ୟ ଦକ୍ଷତା

୨. ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପାଇଁ ଶୈକ୍ଷିକ କାର୍ଯ୍ୟାବଳୀ

କ. ଭାଷାଗତ ଦକ୍ଷତା (ପଠନ, ଆବୃତ୍ତି, ଗଳ୍ପକଥନ ଏବଂ ଭାଷଣ)

ଖ. ବିଜ୍ଞାନ ସମ୍ବନ୍ଧୀୟ ଦକ୍ଷତା

ଗ. ଖେଳକୁଦ/ କ୍ରୀଡ଼ା

ଘ. ଅନ୍ୟାନ୍ୟ( ବିଦ୍ୟାଳୟ କ୍ୟାବିନେଟ୍, ମିନାମଞ୍ଚ, ସାଂସ୍କୃତିକ କାର୍ଯ୍ୟକ୍ରମ, ଏକକ ଅଭିନୟ, ନାଚ, ଗୀତ, ଚିତ୍ରାଙ୍କନ ଇତ୍ୟାଦି)

**୯.୩.୩.୪. ସାମାଜିକ ଓ ବ୍ୟକ୍ତିଗତ ଗୁଣାବଳୀର ମୂଲ୍ୟାୟନ**

ତୁମେ ତୁମ ପିଲାଙ୍କର କେତେକ ସାମାଜିକ-ବ୍ୟକ୍ତିଗତ ଗୁଣାବଳୀ ଦେଖିଛ ଯଥା- ପରିଷ୍କାର ପରିଚ୍ଛନ୍ନତା ସମୟାନୁବର୍ତ୍ତୀତା, ସହ ଯୋଗିତା, ସମ୍ମାନ, ଦାୟିତ୍ୱବୋଧ, ନେତୃତ୍ୱ, ଆବେଗିକ ସ୍ଥିରତା, ସାଧୁତା, ପ୍ରଶଂସା ଇତ୍ୟାଦି । ଏହିସବୁ ଗୁଣାବଳୀଗୁଡିକ ସାଙ୍ଗସାଥୀ, ଶିକ୍ଷଣ, ଘର ପରିବେଶ ଏବଂ ବିଦ୍ୟାଳୟ ପରିବେଶର ପ୍ରଭାବରୁ ଆହରଣ ହୋଇଥାଏ ଓ ବଢିଥାଏ ଏବଂ ବିଦ୍ୟାଳୟ ଭିତର ଓ ବାହାର ପରିବେଶରେ ପରିଦୃଷ୍ଟ ହୋଇଥାଏ । ଏସବୁ ବିଶେଷତା ଶିକ୍ଷାର୍ଥୀର ବ୍ୟକ୍ତିତ୍ୱ ପ୍ରତି ଅବଦାନ ରହିଛି । ତୁମେ ଏହିସବୁ ଗୁଣାବଳୀକୁ ଚିହ୍ନିବା ଉଚିତ, ପସନ୍ଦ କରିବା ଉଚିତ ଏବଂ ଧାରାବାହିକ ଭାବେ ଉଲ୍ଲେଖଯୋଗ୍ୟ ଘଟଣାବଳୀ, ପରିସ୍ଥିତି ଓ କାର୍ଯ୍ୟାବଳୀଗୁଡିକ ଯାହା ଏସବୁ ଗୁଣାବଳୀର ସୂଚକ ତାହା ଲେଖି ରଖିବା ଉଚିତ୍ । ଏହି ବିବରଣୀକୁ ଆଧାର କରି ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ଶିକ୍ଷାର୍ଥୀମାନଙ୍କ ବ୍ୟବହାରକୁ ନାମାଙ୍କିତ କରିବା ପାଇଁ ତୁମେ ଗ୍ରେଡ୍ (A, B, C ଆଦି) ଦେବା ଉଚିତ୍ । ମାନ ନିର୍ଦ୍ଧାରଣର ସମୟ ବ୍ୟବଧାନ ବିଦ୍ୟାଳୟ କରିବା ଉଚିତ ଯାହାକି ଏକ ଶିକ୍ଷା ବର୍ଷରେ ତିନି / ଚାରି ଥର କରାଯିବା ଉଚିତ୍ ।

**ସାମାଜିକ ଓ ବ୍ୟକ୍ତିଗତ ଗୁଣାବଳୀ**

| **ନିର୍ଦ୍ଦିଷ୍ଟ ଦିଗ/ବିଷୟ** | **ସାଧନୀ ଏବଂ କୌଶଳ** | **ସମୟ ବ୍ୟବଧାନ** | **ବିବରଣୀ** |
|---|---|---|---|
| • ପରିଷ୍କାର ପରିଚ୍ଛନ୍ନତା<br>• ସତ୍ୟବାଦିତା<br>• ସହଯୋଗିତା<br>• ନିୟମାନୁ ବର୍ତ୍ତିତା<br>• ଶୃଙ୍ଖଳା<br>• ସମୟାନୁ ବର୍ତ୍ତିତା<br>• ପ୍ରଚେଷ୍ଟା<br>• ଆବେଗିକ ସ୍ଥିରତା<br>• ପରିବେଶଗତ ସଚେତନତା<br>• ଶାରୀରିକ ଶ୍ରମ ପ୍ରତି ଆଗ୍ରହ<br>• ଗୁରୁଜନମାନଙ୍କ ପ୍ରତି ସମ୍ମାନ<br>• ପସନ୍ଦ<br>• ଦାୟିତ୍ୱବୋଧ<br>• ନେତୃତ୍ୱ<br>• ସଙ୍କୋଚତା | • ପର୍ଯ୍ୟବେକ୍ଷଣ<br>• ସାକ୍ଷାତକାର<br>• ତନଖି ତାଲିକା<br>• ପାଶ୍ୱଚିତ୍ର<br>(ବ୍ୟକ୍ତିଗତ ତଥ୍ୟ) | • ଶିକ୍ଷକଙ୍କ ଦ୍ୱାରା ଦୈନିକ ପର୍ଯ୍ୟବେକ୍ଷଣ<br>୩ ରୁ ୪ ଥର ପର୍ଯ୍ୟାୟ ଭିତ୍ତିକ ଆକଳନ | • ପ୍ରତି ୩/୪ ମାସକୁ ଥରେ ଗ୍ରେଡ ଦେବା |

**ନିଜ ଅଗ୍ରଗତି ଆକଳନ -୨**

୧. ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନର ଧାରଣା ବର୍ଣ୍ଣନା କର ।

.......................................................................................................................

.......................................................................................................................

.......................................................................................................................

**୯.୪- ଆକଳନର ପଦ୍ଧତି**

ଏକ ବହୁଳ ବିଶ୍ୱାସ ଯେ ସାମାଜିକ ବିଜ୍ଞାନ କେବଳ ତଥ୍ୟକୁ ସଞ୍ଚାଳିତ କରିଥାଏ । ଏହା ପୁସ୍ତକ କେନ୍ଦ୍ରିତ ଏବଂ

ଟିପ୍ପଣୀ

ପରୀକ୍ଷା ପାଇଁ ଏହାକୁ ମନେ ରଖିବା ଆବଶ୍ୟକ । ଏହି ବହିର ବିଷୟବସ୍ତୁ ଦୈନିକ ବାସ୍ତବିକତା ସହିତ ଅସଂପର୍କିତ ବିଚାର କରାଯାଏ । ପୁନଶ୍ଚ ସାମାଜିକ ବିଜ୍ଞାନ ଅତୀତର ଅନାବଶ୍ୟକ ତଥ୍ୟକୁ ଯୋଗାଇଲା ପରି ଦେଖାଯାଏ । ଏକ ଧାରଣା ଅଛି ଯେ ସାମାଜିକ ବିଜ୍ଞାନରେ ବିଶେଷଜ୍ଞତା ଥିବା ଛାତ୍ରମାନଙ୍କ ପାଇଁ ଚାକିରି ସୁଯୋଗ କମ ଥାଏ । ଏହିସବୁ ଧାରଣା ଯୋଗୁଁ ସାମାଜିକ ବିଜ୍ଞାନ ଏକ ଅନାବଶ୍ୟକ ବିଷୟ ବୋଲି ଧରି ନିଆଯାଇଛି ।

ଉପରବର୍ଣ୍ଣିତ ପରିସ୍ଥିତି ସାମାଜିକ ବିଜ୍ଞାନ ପଠନର ଉଦ୍ଦେଶ୍ୟ, ଶିକ୍ଷଣ, ଶିକ୍ଷାଦାନ ପ୍ରକ୍ରିୟା ଓ ଆକଳନ ଉପରେ ଅନେକ ପ୍ରଶ୍ନ ଉଠିଥାଏ । ସାମାଜିକ ବିଜ୍ଞାନ ପଢିବାର ଅର୍ଥ କଣ, କେଉଁ ପ୍ରକାର ଶ୍ରେଣୀଭିତ୍ତିକ କ୍ରିୟାକଳାପ ସାମାଜିକ ବିଜ୍ଞାନ ଶିକ୍ଷଣକୁ ବଢାଇବ ? ସାମାଜିକ ବିଜ୍ଞାନ ଶିକ୍ଷାଦାନର ଉଦ୍ଦେଶ୍ୟଗୁଡିକ କଣ ? ଏହି ଉଦ୍ଦେଶ୍ୟଗୁଡିକ ହାସଲ କରିବା ଏବଂ ପ୍ରତି ପିଲାର ଶିକ୍ଷଣକୁ ଆକଳନ କରିବା ପାଇଁ କେଉଁ ପ୍ରକାରସୂଚକ ଆମକୁ ସାହାଯ୍ୟ କରିଥାଏ ?

**ସାମାଜିକ ପାଠ / ବିଜ୍ଞାନ ଶିକ୍ଷାଦାନର ଉଦ୍ଦେଶ୍ୟ**

ସାମାଜିକ ବିଜ୍ଞାନର ଜାତୀୟ କେନ୍ଦ୍ରିୟଦଳର ସ୍ଥିତି ଅନୁସାରେ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ସ୍ତରରେ ନିମ୍ନଲିଖିତ ଉଦ୍ଦେଶ୍ୟଗୁଡିକ ଉଲ୍ଲେଖ କରାଯାଇଛି ।

**ପ୍ରାଥମିକ ସ୍ତର**

- ଶିକ୍ଷାର୍ଥୀଙ୍କ ମଧ୍ୟରେ ପର୍ଯ୍ୟବେକ୍ଷଣ, ଚିହ୍ନଟକରଣ ଏବଂ ବର୍ଗୀକରଣ କରିବାର ଦକ୍ଷତା ବୃଦ୍ଧି କରିବା ।
- ପିଲା ଭିତରେ ପରିବେଶର ସାମଗ୍ରିକ ବୁଝାମଣାର ବିକାଶ ସହିତ ପ୍ରାକୃତିକ ଓ ସାମାଜିକ ପରିବେଶର ଆଭ୍ୟନ୍ତରୀଣ ସମ୍ବନ୍ଧ ଉପରେ ଗୁରୁତ୍ୱ ଦେବା ।
- ସାମାଜିକ ସମସ୍ୟା ସଂପର୍କରେ ପିଲାକୁ ସଚେତନ କରିବା ଏବଂ ପାର୍ଥକ୍ୟ ଓ ଭିନ୍ନତା ପ୍ରତି ତା ଭିତରେ ସମ୍ମାନ ବୋଧ ବିକଶିତ କରିବା ।

**ଉଚ୍ଚ ପ୍ରାଥମିକ ସ୍ତର**

- ମନୁଷ୍ୟ ସମାଜ ଓ ଅନ୍ୟାନ୍ୟା ଜୀବ ଜଗତର ବାସ ସ୍ଥାନ ରୂପେ ପୃଥିବୀକୁ ବୁଝିବା , ଧାରଣାର ବିକାଶ କରିବା
- ପୃଥିବୀର ପ୍ରସଙ୍ଗରେ ନିଜ ଦେଶ, ରାଜ୍ୟ, ଧର୍ମର ଏକ ଅଧ୍ୟୟନ ପାଇଁ ଶିକ୍ଷାର୍ଥୀକୁ ଅଭିପ୍ରେରିତ କରିବା
- ପୃଥିବୀର ଅନ୍ୟ ଭାଗ ସହ ଭାରତର ଅତୀତକୁ ଅଧ୍ୟୟନ କରିବା ନିମିତ୍ତ ଶିକ୍ଷାର୍ଥୀଙ୍କୁ ଅଭିପ୍ରେରିତ କରିବା
- ଦେଶର ସାମାଜିକ ଓ ରାଜନୈତିକ ଅନୁଷ୍ଠାନଗୁଡିକର କାର୍ଯ୍ୟପ୍ରଣାଳୀ ଓ ପ୍ରକ୍ରିୟା ସହିତ ଶିକ୍ଷାର୍ଥୀଙ୍କୁ ପରିଚିତ କରାଇବା ।

Source: Position Paper: National Focus Group on Teaching of Social Sciences, NCERT, 2006, p.5.

ଶିକ୍ଷଣ କାର୍ଯ୍ୟ-୧୧

ପ୍ରାଥମିକ ସ୍ତରରେ ପାଠ ଶିକ୍ଷାଦାନର ଉଦ୍ଦେଶ୍ୟ ବର୍ଣ୍ଣନା କର ଏବଂ ଏହି ସ୍ତରରେ ଶିକ୍ଷାର୍ଥୀମାନଙ୍କର ଯେଉଁ ସବୁ ଦକ୍ଷତା ହେବା ଆବଶ୍ୟକ ସେ ସବୁ ଚିହ୍ନଟ କର ।

୧.

୨.

୩.

୪.

## ୯.୪.୧- ଆକଳନର ସୂଚକ ସମୂହ

ଆମେ ପିଲାମାନଙ୍କର ବିଭିନ୍ନ ପ୍ରକାରର କୌଶଳ, ଧାରଣାଗତ ଜ୍ଞାନ, ଭାବନା ଏବଂ ସମ୍ବେଦନଶୀଳତାର ବିକାଶ କରିବା ପାଇଁ ସାମାଜିକ ବିଜ୍ଞାନ ଶିଖାଇବାକୁ ଚାହୁଁ । ଆକଳନ ପାଇଁ ଆମେ ଏକ ବିସ୍ତୃତ ତାଲିକା ପ୍ରସ୍ତୁତ

କରିବା, ଯାହାକି ତୁମକୁ ଶିକ୍ଷଣ କାର୍ଯ୍ୟ ଯୋଜନା କରିବାରେ ସାହାଯ୍ୟ କରିପାରିବ । ପ୍ରତି ସୂଚକରେ ପିଲାମାନଙ୍କର ବୃଦ୍ଧି ହେଉଥିବା ଆବଶ୍ୟକତା ଦକ୍ଷତା ନିହିତ ଥାଏ । ନିମ୍ନଲିଖିତ ସୂଚକଗୁଡିକ ସହିତ ପିଲାମାନଙ୍କର ଦକ୍ଷତାଗୁଡିକର ବିକାଶ ପାଇଁ ଆମେ ସାହାଯ୍ୟ କରିବା ଉଚିତ୍ ।

| କ୍ର. ନଂ | ସୂଚକ | ଦକ୍ଷତା |
|---|---|---|
| ୧. | ପର୍ଯ୍ୟବେକ୍ଷଣ ଓ ରେକଡିଂ | ବିବରଣି ଲିଖନ, ବର୍ଣ୍ଣନା କରିବା ଏବଂ ଚିତ୍ର କରିବାଚିତ୍ର ପଠନ, ଚିତ୍ର ତିଆରି କରିବା ସାରଣୀ ଏବଂ ମାନଚିତ୍ର |
| ୨ | ଆଲୋଚନା | ଶୁଣିବା, କହିବା, ମତବ୍ୟକ୍ତ, ଅନ୍ୟଠାରୁ ଖୋଜିବାହାର କରିବା |
| ୩ | ପରିପ୍ରକାଶ କରିବା | ଚିତ୍ର କରିବା, ଶରୀରର ଗତି, ସୃଜନାତ୍ମକ ଲିଖନ, ସ୍ଥାପତ୍ୟ ଇତ୍ୟାଦି |
| ୪ | ସ୍ୱଷ୍ଟିକରଣ | ଯୁକ୍ତି, ତାର୍କୀକ ସମ୍ପର୍କ, ବୈଦ୍ଧିକ ଚିନ୍ତନ କରିବା |
| ୫ | ବର୍ଗୀକରଣ | ନିର୍ଦ୍ଦିଷ୍ଟ ଶ୍ରେଣୀଭୁକ୍ତ, ଦଳ କରିବା, ବୈଷମ୍ୟ ଏବଂ ତୁଳନା କରିବା |
| ୬ | ପ୍ରଶ୍ନ ପ୍ରସ୍ତୁତି କରିବା | ଆଗ୍ରହ ପ୍ରକାଶ କରିବା, ନିର୍ଣ୍ଣାୟକ ଚିନ୍ତନ, ପ୍ରଶ୍ନ ତିଆରି କରିବା |
| ୭ | ବିଶ୍ଳେଷଣ | ଅନୁମାନ କରିବା, ଅନୁକଳ୍ପନା ଏବଂ ଅନୁସିଦ୍ଧାନ୍ତ କରିବା |
| ୮ | ପରୀକ୍ଷଣ | ଉନ୍ନତିକରଣ, ସାମଗ୍ରୀ ପ୍ରସ୍ତୁତ କରିବା ଏବଂ ପରୀକ୍ଷା କରିବା |
| ୯ | ନ୍ୟାୟ ଓ ସମାନତା ବିଚାର | ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ସମ୍ବେଦନଶୀଳ ହେବା, ପରିବେଶ ପ୍ରତି ଦାୟିତ୍ୱବୋଧତା |
| ୧୦ | ସହଯୋଗିତା | ଦାୟିତ୍ୱ ନେବା, ପ୍ରଚେଷ୍ଟା, ବିନିମୟ, ଏକାଠି କାମ କରିବା |

### ୯.୪.୨ ବିକଳ୍ପ ଆକଳନ

ଶିକ୍ଷାର୍ଥୀ ଶିକ୍ଷଣର ମୂଲ୍ୟାୟନ ପାଇଁ ସାଧାରଣତଃ ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ପ୍ରଶ୍ନ ଓ ଆଦର୍ଶ ପ୍ରଶ୍ନ ପ୍ରୟୋଗ / ବ୍ୟବହାର କରାଯାଇଥାଏ । ଯେଉଁଥିରେ କି ବହୁ ବିକଳ୍ପ ପଦ୍ଧତି ପ୍ରଶ୍ନ କିମ୍ବା ବସ୍ତୁନିଷ୍ଠ ପ୍ରଶ୍ନ ବ୍ୟବହାର କରାଯାଇଥାଏ । ଏହି ମୂଲ୍ୟାୟନ ଅଭ୍ୟାସ ଜଟିଳ ସମସ୍ୟା ସମାଧାନର କୌଶଳ, ବହୁମୁଖୀ ଚିନ୍ତନ, ଶିକ୍ଷାର୍ଥୀମାନଙ୍କର ମଧ୍ୟରେ ସହଭାଗୀ ଶିକ୍ଷଣ, ଯୋଗାଯୋଗ ଦକ୍ଷତା ପାଇଁ ବ୍ୟବହାର କରାଯାଏ । ପ୍ରାୟ ବିଗତ ଦୁଇ ଦଶନ୍ଧି ଧରି ଏହି ମୂଲ୍ୟାୟନ ପ୍ରକ୍ରିୟା ଆହ୍ୱାନ ଥିବା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ଶିକ୍ଷା ଅନୁଷ୍ଠାନମାନଙ୍କରେ ଏହି ପ୍ରକ୍ରିୟାକୁ ଅନୁସରଣ କରାଯାଉଛି । ତେଣୁ ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥାରେ ଏକ ବିକଳ୍ପ ଆକଳନ ପଦ୍ଧତି ଆରମ୍ଭ କରିବାର ଆବଶ୍ୟକତା ରହିଛି ।

ବିକଳ୍ପ ଆକଳନ ପ୍ରକ୍ରିୟା ଜ୍ଞାନ ସଂଗଠନର ନିୟମ ଉପରେ ଆଧାରିତ । ଏହି ପ୍ରକ୍ରିୟାରେ ମୌଳିକ ଧ୍ୟାନ ଶିକ୍ଷାର୍ଥୀର ବାସ୍ତବ ଜୀବନରେ ସୃଜନାତ୍ମକ ଅଭିବୃଦ୍ଧି ଓ ପ୍ରବୀଣତା ଉପରେ ଆଧାରିତ । ସାମାଜିକ ବିଜ୍ଞାନରେ ଆକଳନ କେବଳ ପେନସିଲ୍ ଓ କାଗଜ ପରୀକ୍ଷାରେ ସୀମିତ ନଥାଏ । ଏହାକୁ ନାଟକ, ଛବି ପଠନ, ପ୍ରକଳ୍ପ କାର୍ଯ୍ୟ, ପରୀକ୍ଷଣ, ଅଙ୍କନ ଏବଂ ସଂଳାପ ମାଧ୍ୟମରେ କରାଯାଇଥାଏ ।

#### ୯.୪.୨.୧ ସୃଜନାତ୍ମକ ଲିଖନ, ଅଭିନୟ ଏବଂ ନାଚ ମାଧ୍ୟମରେ ଆକଳନ

ଯେତେବେଳେ ପିଲାମାନଙ୍କୁ ଅଭିନୟ, ଅଙ୍କନ କିମ୍ବା ସୃଜନାତ୍ମକ ଅଭିବ୍ୟକ୍ତି ପାଇଁ ସୁଯୋଗ ଦିଆଯାଇଥାଏ, ସେମାନେ ଅଧିକ ଶିଖିଥାନ୍ତି । ପିଲାମାନଙ୍କର ମୌଳିକ ଧାରଣାକୁ ଆକଳନ କରିବାରେ ଏହା ଆମକୁ ସକାରାତ୍ମକ କରାଇଥାଏ ।

ଚାଲ ଏକ ବିଷୟ ନେବା 'ପରିବେଶ ପ୍ରଦୂଷଣ' ଓ ଦେଖିବା ଆକଳନ କିପରି ତିନୋଟି ଉପାୟରେ କରାଯାଇପାରେ ।

୧. ପାରଂପରିକ ପ୍ରଶ୍ନ

- ମଣିଷର ୩ଟି କାମ କୁହ ଯାହାକି ଜଳ ପ୍ରଦୂଷଣର କାରଣ ହୋଇଯାଏ ।

ଟିପ୍ପଣୀ

୨. ଚିତ୍ରାଙ୍କନ

- ଜଳ କିପରି ଦୂଷିତ ହୁଏ ତାହାର ଚିତ୍ର ଅଙ୍କନ କର ।

୩. ସୃଜନାତ୍ମକ ଲିଖନ ପ୍ରଶ୍ନ

- ତୁମ ଗାଁ ପୋଖରୀ ଜଳ କିପରି ଦୂଷିତ ହୁଏ ଏବଂ ଏହାକୁ କିପରି ଦୂର କରାଯାଇ ପାରିବ ବର୍ଣ୍ଣନା କର ।

**୯.୪.୨.୨- ଆକଳନ ପାଇଁ ଛବି ପଠନ କାର୍ଯ୍ୟ**

ଶିକ୍ଷାର୍ଥୀମାନଙ୍କ ପର୍ଯ୍ୟବେକ୍ଷଣ ଦକ୍ଷତା ବ୍ୟାଖ୍ୟା କରିବା ଓ ସମ୍ପର୍କ ସ୍ଥାପନ କରିବା ପାଇଁ ଛବି, ଫଟୋ ଦେଖାଇ ବିଭିନ୍ନ ପ୍ରକାର ପ୍ରଶ୍ନ ତିଆରି କରିପାରିବା । ଉଦାହରଣ- ଆମ ଦେଶର ବିଭିନ୍ନ ପ୍ରକାରର ମନ୍ଦିରର ଚିତ୍ର ଦେଖାଇ, ନିମ୍ନଲିଖିତ ପ୍ରଶ୍ନଗୁଡ଼ିକୁ ପର୍ଯ୍ୟବେକ୍ଷଣ କରି ଉତ୍ତର ଦିଅ ।

କ. ଲୋକମାନଙ୍କର କଳା ଓ ସଙ୍ଗୀତ ପ୍ରତି ଭଲ ପାଇବା ବର୍ଣ୍ଣନା କର ।

ଖ. ଚିତ୍ର ଥିବା ମନ୍ଦିରକୁ ନିର୍ମାଣ କରିବା ପାଇଁ କେତ ଦିନ/ମାସ/ବର୍ଷ ଲାଗିଛି ତୁମେ ଅନୁମାନ କରିପାରିବ ?

ଗ. ଚିତ୍ରରୁ ଲୋକମାନଙ୍କର ଜୀବନ ଶୈଳୀ ଉଦାହରଣ ସ୍ୱରୂପ ଖାଦ୍ୟାଭ୍ୟାସ ପୋଷାକ ପରିଚ୍ଛେଦ ବର୍ଣ୍ଣନା କର ।

**୯.୪.୨.୩- ପିଲାମାନଙ୍କର ଚିତ୍ର**

ପିଲାମାନେ ନିଜକୁ ମୁକ୍ତ ଏବଂ ଅଧିକ ଗଭୀର ଭାବରେ ଅଙ୍କନ ମାଧ୍ୟମରେ ଅଭିବ୍ୟକ୍ତ କରିପାରନ୍ତି । ଏହା ଶିକ୍ଷାର୍ଥୀମାନଙ୍କର ବ୍ୟକ୍ତିଗତ ବ୍ୟାଖ୍ୟା ଏବଂ କଳ୍ପନା ଶକ୍ତି ଜଣାଇବାରେ ସୁଯୋଗ ଦେଇଥାଏ । ପିଲାମାନେ ଚିତ୍ରକୁ ଉପଭୋଗ କରନ୍ତି । ପୁଣି ଏହା କୌଣସି ଏକ ବିଷୟବସ୍ତୁକୁ ବୁଝାଇବା ପାଇଁ ଏକ ଖୁସିଭରା ମାଧ୍ୟମ ସୃଷ୍ଟି କରିଥାଏ । ପ୍ରତ୍ୟେକ ପିଲାର ଅଙ୍କନ ଅଲଗା । ଅଙ୍କନ ଯେ କେବଳ ଏକ ଉପଯୋଗୀ କାର୍ଯ୍ୟ ତାହା ନୁହେଁ ବରଂ ଏହା ଶିକ୍ଷକଙ୍କ ପାଇଁ ପ୍ରଭାବଶାଳୀ ଶିକ୍ଷଣ ସୁଯୋଗ ଅଟେ । ଏଥିରୁ ଆମେ ଜାଣିଲେ ଯେ ଅଙ୍କନ କୌଶଳ ପିଲାମାନଙ୍କର ଧାରଣା, ଭାବନା ଏନଂ ବ୍ୟକ୍ତିଗତ ଅନୁଭବକୁ ଆକଳନ କରିବାରେ ଶିକ୍ଷକଙ୍କୁ ସାହାଯ୍ୟ କରିଥାଏ, ଯାହାକି ଭାଷା ଦ୍ୱାରା ହୋଇପାରେ ନାହିଁ ।

ଉଦାହରଣ- ଗାଁ ପୋଖରୀ ଚିତ୍ର ଅଙ୍କନ କର ।

ଏହି ଅଙ୍କନ ଅଭ୍ୟାସ ଗ୍ରାମାଂଚଳରେ ଜଳ ପ୍ରଦୂଷଣର କାରଣ ଓ ପ୍ରଦୂଷଣ ବିଷୟରେ ପିଲାମାନଙ୍କର ଭାବନାର ଅନେକ ଅର୍ନ୍ତଦୃଷ୍ଟି ପ୍ରଦାନ କରିଥାଏ । ଏକ ଆକଳନ ପ୍ରୟୋଗ ହେତୁ ଏହା ପରର୍ବତ୍ତୀ ଶିକ୍ଷଣ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଥ ପ୍ରଦର୍ଶକ ।

**୯.୪.୨.୪- କ୍ଷେତ୍ର ପରିଭ୍ରମଣ**

ପରିଭ୍ରମଣ ଅର୍ଥ ଯେ କେବଳ ଉପଭୋଗ ପ୍ରମୋଦ ଭ୍ରମଣ ନୁହେଁ ବରଂ ଏହା ପିଲାମାନେ ଭ୍ରମଣ ପୂର୍ବରୁ, ଭ୍ରମଣ ସମୟରେ ଓ କ୍ଷେତ୍ର ଭ୍ରମଣରୁ ଫେରିବା ପରେ କଣ ଶିଖୁଛନ୍ତି ସେ ବିଷୟରେ ଶିକ୍ଷକମାନଙ୍କୁ ଆକଳନ କରିବା ପାଇଁ ସୁଯୋଗ ଦେଇଥାଏ । ଯୁବ ଶିକ୍ଷାର୍ଥୀମାନଙ୍କର ପର୍ଯ୍ୟବେକ୍ଷଣ ଓ ନିଜେ ଅନ୍ୱେଷଣ କରି ବହୁତ କଥା ଶିଖିଥାନ୍ତି । ଉଦାହରଣ ସ୍ୱରୂପ- ନିକଟସ୍ଥ ଏକ କୁଟୀର ଶିଳ୍ପ ପରିଦର୍ଶନ ସମୟରେ ବ୍ୟବହୃତ କଂଚାମାଲ, ନିୟୋଜିତ ଲୋକସଂଖ୍ୟା, ବିପଣନ କ୍ଷମତା, କର୍ମଚାରୀଙ୍କ ଦୈନିକ କିମ୍ବା ମାସିକ ରୋଜଗାର ଆଦି ଟିପି ରଖିବା । ପିଲାମାନଙ୍କୁ ଶ୍ରେଣୀ ଗୃହରେ ଶିକ୍ଷକମାନଙ୍କଠାରୁ ଶୁଣିବା ଅପେକ୍ଷା ଏହା ଅଧିକ ଶିକ୍ଷଣରେ ସାହାଯ୍ୟ କରେ ।

**୯.୪.୨.୫ କୃତି ଆକଳନ**

କୃତି ମୂଲ୍ୟାୟନ ପିଲାମାନଙ୍କ କୃତିର ଉଦ୍ଦେଶ୍ୟପୂର୍ଣ୍ଣ ସଂଗୃହିତ ତଥ୍ୟ, ଯାହାକି ଶିକ୍ଷାର୍ଥୀ ଚେଷ୍ଟା ଓ ପ୍ରଗତି ବିଷୟରେ ସୂଚାଇଥାଏ । ଏହା ଶିକ୍ଷାର୍ଥୀର କାଗଜ ଭରା ଏକ ଫାଇଲ ଭିଡିଓ ଗେମ୍, ପ୍ରଗତି ପ୍ରଶ୍ନ କିମ୍ବା ତତ୍ ସମ୍ପର୍କୀୟ ସାମଗ୍ରୀ ଅପେକ୍ଷା ଅଧିକ ତଥ୍ୟ ଯୋଗାଇଥାଏ । କୃତି ମୂଲ୍ୟାୟନରେ ପିଲାର କେବଳ ସବୁଠାରୁ ଭଲ କୃତି ରହିବା ଉଚିତ୍ ନୁହେଁ, ବରଂ ପୁରାବର୍ଷରେ ଶିକ୍ଷାର୍ଥୀର ବୃଦ୍ଧି ଓ ପ୍ରଗତି ଦେଖାଇବା ପାଇଁ ପିଲାର ସମସ୍ତ

ପ୍ରକାରର କାର୍ଯ୍ୟ ରହିବା ଉଚିତ୍ । ଏହି କୃତି ମୂଲ୍ୟାୟନ ଶିକ୍ଷାର୍ଥୀର ସହଭାଗିତାରେ ହେଉଥିବା ପ୍ରକୃତ କାର୍ଯ୍ୟ ବିଷୟରେ ଶିକ୍ଷକ ଏବଂ ଅଭିଭାବକଙ୍କୁ ସୂଚନା ଯୋଗାଇଥାଏ । ଉଦାହରଣସ୍ୱରୂପ, ପ୍ରତିବର୍ଷ ତୁମେ ଶ୍ରେଣୀ ଗୃହ କାନ୍ଥରେ ପକେଟ ଲଗାଇ ଛାତ୍ରମାନଙ୍କର କୃତି ମୂଲ୍ୟାୟନ କରିପାରିବ । ଯେଉଁଥିରେ ପିଲାଙ୍କୁ ନିମ୍ନଲିଖିତ କାର୍ଯ୍ୟ/କୃତୀକୁ ସମୟ ସମୟରେ ଶ୍ରେଣୀ କାନ୍ଥରେ ଥିବା ନିଜନିଜ ପକେଟରେ ରଖିବାକୁ କହିବ ।



ଟିପ୍ପଣୀ

- ଲିଖିତ ସାମଗ୍ରୀ, କାର୍ଯ୍ୟ ଫର୍ଦ୍ଦ, ସୃଜନାତ୍ମକ ଲିଖନ, ପରୀକ୍ଷଣ, ଶ୍ରେଣୀ ବାହାର କାର୍ଯ୍ୟବଳୀ ବିବରଣୀ ଇତ୍ୟାଦି
- ବିଭିନ୍ନ ପ୍ରକାରର ଅଙ୍କନ-ବୃକ୍ଷଲତା, ଫୁଲ, ପଶୁପକ୍ଷୀ ଇତ୍ୟାଦି ।
-ପେପର କଟିଂ/ପେପର ଫୋଲ୍ଡିଂ ପରି ହସ୍ତକର୍ମ
- ଶିକ୍ଷାର୍ଥୀଙ୍କ ଦ୍ୱାରା ଅଭିନନ୍ଦନ ପତ୍ର ପ୍ରସ୍ତୁତ କରିବା
- ଅନ୍ୟମାନଙ୍କଠାରୁ ପିଲାଙ୍କୁ ଚିଠି ଲେଖିବା ।
- ଶିକ୍ଷାର୍ଥୀଙ୍କ ଦ୍ୱାରା ଗଳ୍ପ ବହି ପଠନର ତାଲିକା
- ପତ୍ର, କପଡା ଇତ୍ୟାଦି ସଂଗ୍ରହ
- ଭୟଶୂନ୍ୟ ଉପାୟରେ ଶିକ୍ଷାର୍ଥୀଙ୍କ ଦ୍ୱାରା ଡାଏରୀ ଲିଖନ
- ପିଲାଙ୍କ ସ୍ୱ-ମୂଲ୍ୟାୟନ ଫର୍ଦ୍ଦର ନମୁନା

ତେଣୁ କୃତି ମୂଲ୍ୟାୟନ ଗୋଟିଏ କାର୍ଯ୍ୟ ନ ହୋଇ କେତେଗୁଡିଏ କାର୍ଯ୍ୟର ସଂଗ୍ରହ । ସ୍କୁଲରେ ଯେତେ ବର୍ଷ ଅତିବାହିତ ହେବ, କୃତି ମୂଲ୍ୟାୟନ ସେହି ଅନୁସାରେ ବଢିବ । ପ୍ରତ୍ୟେକ ଅବଧିର ଶେଷରେ ଶିକ୍ଷକ ପ୍ରତ୍ୟେକ ଶିକ୍ଷାର୍ଥୀର କୃତି ମୂଲ୍ୟାୟନ ପ୍ରଗତିକୁ ଆକଳନ କରିବେ ଏବଂ ଅଭିଭାବକମାନଙ୍କୁ ଠିକ୍ ଓ ଦରକାରୀ ପ୍ରତିପୃଷ୍ଟ ଯୋଗାଇ ଦେବେ । ଏହି କୃତି ମୂଲ୍ୟାୟନ ଅଭିଭାବକମାନଙ୍କୁ ନିଜ ପିଲାଙ୍କ ଦକ୍ଷତା ଏବଂ ଆଗ୍ରହ ସମ୍ପର୍କରେ ଯାହାକି ଘରେ ପର୍ଯ୍ୟବେକ୍ଷଣ କରିପାରି ନଥାନ୍ତି ତାହା ଜାଣିବାରେ ସାହାଯ୍ୟ କରେ ଏବଂ ପିଲାମାନଙ୍କୁ ପ୍ରଦର୍ଶନ, ପ୍ରଗତି ଏବଂ ବୃଦ୍ଧି ବିଷୟରେ ଶିକ୍ଷକଙ୍କ ସହିତ ଆଲୋଚନା କରିବାରେ ସାହାଯ୍ୟ କରେ ।

### ୯.୪.୨.୬ କାର୍ଯ୍ୟ ସଂପାଦନ ଆଧାରିତ ଆକଳନ ପାଇଁ ସଂକ୍ଷିପ୍ତ ଟିପ୍ପଣୀ

ଏକ ରୁବ୍ରିକ, ବିଶେଷଜ୍ଞ, ଶିକ୍ଷକ କିମ୍ବା ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ଦ୍ୱାରା ପାଠ୍ୟ ବିଷୟବସ୍ତୁ, ପାଠ୍ୟ ବିଷୟବସ୍ତୁର ଗତିବିଧି ଏବଂ ସାମାଜିକ ବ୍ୟକ୍ତିଗତ ଗୁଣାବଳୀ ସହ କୌଣସି କ୍ଷେତ୍ରରେ ଶିକ୍ଷାର୍ଥୀମାନଙ୍କ ଦ୍ୱାରା କାର୍ଯ୍ୟ ସଂପାଦନର ଆକଳନ ପାଇଁ ବ୍ୟବହାର କରାଯାଇଥିବା ପ୍ରାପ୍ତାଙ୍କ ସାଧନୀ(ସ୍କୋରିଂ ଟୁଲ୍) ଅଟେ । ଏହା ଶିକ୍ଷାର୍ଥୀମାନଙ୍କ ଦ୍ୱାରା ପ୍ରଦର୍ଶନ/ନ୍ୟସ୍ତ କାର୍ଯ୍ୟର ଆକଳନ କରିବା ପାଇଁ ଶିକ୍ଷଣ ଉଦ୍ଦେଶ୍ୟ ସମ୍ବନ୍ଧିତ ମାନଦଣ୍ଡ ଏବଂ ମାନକ ଅଟେ । ରୁବ୍ରିକ ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀରେ ମାନବୀକରଣ ମୂଲ୍ୟାୟନ ପାଇଁ ମାନଦଣ୍ଡ ଅନୁସାରେ ଅନୁମତି ଦିଏ । ଗ୍ରେଡିଂକୁ(ପର୍ଯ୍ୟାୟ)ସରଳ ଓ ଅଧିକ ପାରଦର୍ଶୀ କରେ । ଏହା ଏକ ସ୍କୋରିଂ ଗାଇଡ୍ ଯାହାକି ଶିକ୍ଷାର୍ଥୀମାନଙ୍କର ସଂଖ୍ୟାତ୍ମକ ପ୍ରାପ୍ତାଙ୍କ ନ କରି ମାନବିକ ମୂଲ୍ୟାବୋଧ ଦୃଢ଼ ଶୃଙ୍ଖଳା ଉପରେ ଆଧାରିତ ହେଉଥିବା ମାନଦଣ୍ଡର ମୂଲ୍ୟାୟନ ଉପରେ ଆଧାରିତ । ଏହି ରୁବ୍ରିକ ଶିକ୍ଷାର୍ଥୀ ଓ ଶିକ୍ଷକମାନଙ୍କ ପାଇଁ କାର୍ଯ୍ୟରତ ମାର୍ଗଦର୍ଶକ ଅଟେ । ସାଧାରଣତଃ ଶିକ୍ଷାର୍ଥୀମାନଙ୍କୁ ନ୍ୟସ୍ତକାର୍ଯ୍ୟ ଦେବା ପୂର୍ବରୁ ଏହି ମୂଲ୍ୟବୋଧର ଧାରଣା ଦେଲେ ସେମାନଙ୍କ କାର୍ଯ୍ୟକରିବା କ୍ଷମତାକୁ ନିର୍ଣ୍ଣୟ କରିବାରେ ସହଜ ହେବ । ରୁବ୍ରିକ୍ ବିଶ୍ଳେଷଣାତ୍ମକ କିମ୍ବା ସାମଗ୍ରିକ ହୋଇପାରେ ଏବଂ ଗଣିତ, ବିଜ୍ଞାନ, ଇତିହାସ, ନାଟକ କଳା ସଂସ୍କୃତି ଇତ୍ୟାଦି ସହିତ କୌଣସି ବି ସାମଗ୍ରିକ କ୍ଷେତ୍ରରେ ରୁବ୍ରିକ୍ ତିଆରି କରାଯାଇପାରେ । ଏହା ଏକ ରଚନାତ୍ମକ ପରିଭାଷାରେ ମୂଲ୍ୟାଙ୍କନ ଅଟେ । କାରଣ ଏହା ସାମଗ୍ରିକ ଶିକ୍ଷାଦାନ ଓ ଶିକ୍ଷଣ ପ୍ରଣାଳୀର ନିରନ୍ତର ଅଂଶ ହୋଇଯାଏ । ଶିକ୍ଷାର୍ଥୀ ନିଜେ ଉଭୟ ସହକର୍ମୀ (ସାଙ୍ଗସାଥୀ)ଏବଂ ସ୍ୱ-ଆକଳନ ଦ୍ୱାରା ମୂଲ୍ୟାୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରେ । କାରଣ ଯେତେବେଳେ ଶିକ୍ଷାର୍ଥୀମାନେ ରୁବ୍ରିକ୍ ସହ ଓତଃପ୍ରୋତ ଭାବେ ଯୋଡ଼ି ହୋଇଯାନ୍ତି, ସେମାନେ ରୁବ୍ରିକ ଡିଜାଇନ୍‌ରେ ନିଜନିଜ ଶିକ୍ଷକମାନଙ୍କୁ ସାହାଯ୍ୟ କରିପାରିବେ ।

ଟିପ୍ପଣୀ

ଏକ ପ୍ରକଳ୍ପ ବିବରଣୀର ଆକଳନ ପାଇଁ ଶିକ୍ଷାର୍ଥୀଙ୍କ ଦ୍ୱାରା ପ୍ରସ୍ତୁତ ରୁବ୍ରିକ

| ଶ୍ରେଣୀ ବା ବିଭାଗ | ୪– ସର୍ବୋତ୍ତମ | ୩– ଉତ୍ତମ | ୨– ସନ୍ତୋଷଜନକ | ୧– ଉନ୍ନତିର ଆବଶ୍ୟକତା ଦରକାର |
|---|---|---|---|---|
| ସଂଗଠନ | ସୂଚନାଗୁଡିକ ଅତି ସୁନ୍ଦର ଭାବରେ ସଂପର୍କିତ ଅନୁଚ୍ଛେଦ ଏବଂ ଉପ ଶିକ୍ଷକ ସହ ସଂଗଠିତ ହୋଇଛି । | ସୂଚନାଗୁଡିକ ସଂପର୍କିତ ଉତ୍ତମ ଭାବେ ଅନୁଚ୍ଛେଦ ସହ ସଂଗଠିତ କରାଯାଇଛି । | ସୂଚନାଗୁଡିକ ସଂଗଠିତ ହୋଇଛି କିନ୍ତୁ ଅନୁଚ୍ଛେଦଗୁଡିକ ଉତ୍ତମ ଭାବେ ସଂଯୋଗ କରାଯାଇ ନାହିଁ । | ସୂଚନାଗୁଡିକ ଅସଜଡା ଭାବରେ ଉପସ୍ଥାପନା କରାଯାଇଛି । |
| ସୂଚନାର ପରିଣାମ | ସବୁ ବିଷୟଗୁଡିକୁ ସମ୍ବୋଧିତ କରାଯାଇଛି ଏବଂ ସବୁ ପ୍ରଶ୍ନ ଉତ୍ତର ବିଷୟରେ ଅତି କମ୍‌ରେ ଦୁଇଟି ବାକ୍ୟରେ ଦିଆଯାଇଛି । | ସବୁ ବିଷୟକୁ ସମ୍ବୋଧିତ କରାଯାଇଛି ଏବଂ କିଛି ପ୍ରଶ୍ନର ଉତ୍ତର ଅତି କମ୍‌ରେ ଦୁଇଟି ବାକ୍ୟରେ ଦିଆଯାଇଛି । | ସବୁ ବିଷୟକୁ ସମ୍ବୋଧନ କରାଯାଇଛି ଏବଂ କିଛି ପ୍ରଶ୍ନର ଉତ୍ତର ଅତି କମ୍‌ରେ ଗୋଟିଏ ବାକ୍ୟରେ ଦିଆଯାଇଛି । | ଏକ କିମ୍ବା ଅଧିକ ବିଷୟବସ୍ତୁକୁ ସମ୍ବୋଧିତ କରାଯାଇ ନାହିଁ । |
| ସୂଚନାର ଗୁଣବତ୍ତା | ସୂଚନା ସ୍ପଷ୍ଟ ରୂପରେ ମୁଖ୍ୟ ବିଷୟ ସହ ସଂପର୍କିତ ଅଛି । ଏଥିରେ ଅନେକ ସହାୟତା ବିବରଣୀ ଏବଂ ଉଦାହରଣ ଅନ୍ତର୍ଭୁକ୍ତ ଅଛି । | ସୂଚନା ସ୍ପଷ୍ଟ ରୂପରେ ମୁଖ୍ୟ ବିଷୟ ସହ ସଂପର୍କିତ ଏଥିରେ ୧ରୁ ୨ଟି ସହାୟତା ବିବରଣୀ ଏବଂ ଉଦାହରଣ ଅନ୍ତର୍ଭୁକ୍ତ । | ସୂଚନା ସ୍ପଷ୍ଟ ରୂପରେ ମୁଖ୍ୟ ବିଷୟ ସହ ସଂପର୍କିତ କିନ୍ତୁ ଏଥିରେ କୌଣସି ଉଦାହରଣ ଏବଂ/କିମ୍ବା ବିବରଣୀ ଦିଆଯାଇ ନାହିଁ । | ସୂଚନା ଆଂଶିକ କିମ୍ବା ସମ୍ପୂର୍ଣ୍ଣ ମୁଖ୍ୟ ବିଷୟ ସହ ସଂପର୍କିତ ନୁହେଁ । |
| ବ୍ୟାକରଣ ଗତ ମାନଦଣ୍ଡ | କୌଣସି ବ୍ୟାକରଣଗତ ବନାନ ବା ବିରାମ ଚିହ୍ନର ଭୁଲ ନାହିଁ । | ପ୍ରାୟତଃ କୌଣସି ବ୍ୟାକରଣଗତ ବନାନ ବା ବିରାମ ଚିହ୍ନର ଭୁଲ ନାହିଁ । | ଆଂଶିକ ବ୍ୟାକରଣଗତ, ବନାନ୍ ତ୍ରୁଟି ଅଛି । | ଅଧିକାଂଶ ବନାନଗତ, ବ୍ୟାକରଣ ତ୍ରୁଟି ଅଛି । |
| ରୂପରେଖ କିମ୍ବା ଚିତ୍ର ବିଦ୍ୟାର ସଂଗଠନ | ଗ୍ରାଫିକ୍ ଆୟୋଜକ ବା ଲେଖଚିତ୍ର ସବୁ ଧାରଣା ଏବଂ ଉପଧାରଣାର ସ୍ପଷ୍ଟ, ସମ୍ପୂର୍ଣ୍ଣ ଓ ତର୍କ ସଙ୍ଗତ ଅଟେ । | ଗ୍ରାପିକ୍ ଆୟୋଜକ କିମ୍ବା ଲେଖଚିତ୍ର ସଂପୂର୍ଣ୍ଣ ଏବଂ ସ୍ପଷ୍ଟ ଧାରଣା କିଛି ବିଷୟ ଏବଂ ଉପବିଷୟ ପ୍ରତି ଅଟେ । | ଗ୍ରାଫିକ୍ ଆୟୋଜକ ଏବଂ ଲେଖଚିତ୍ର ଆରମ୍ଭ ହୋଇଅଛି । କିଛି ବିଷୟ ଏବଂ ଉପବିଷୟ ଅନ୍ତର୍ଭୁକ୍ତ ଅଟେ । | ଗ୍ରାଫିକ୍ ଆୟୋଜକ ଏବଂ ଲେଖଚିତ୍ର ଆରମ୍ଭ ହୋଇ ନାହିଁ । |

ଟିପ୍ପଣୀ

| | | | | |
|---|---|---|---|---|
| ଚିତ୍ର ଏବଂ ଦୃଷ୍ଟାନ୍ତ | ଚିତ୍ର ଏବଂ ଦୃଷ୍ଟାନ୍ତ ସ୍ପଷ୍ଟ ନିର୍ଭୁଲ ଏବଂ ପାଠକକୁ ବୁଝିବାରେ ଅନ୍ତର୍ଭୁକ୍ତ କରାଏ । | ଚିତ୍ର ଏବଂ ଦୃଷ୍ଟାନ୍ତ ନିର୍ଭୁଲ ଏବଂ ପାଠକକୁ ବୁଝିବାରେ ସାହାଯ୍ୟ କରେ । | ଚିତ୍ର ଏବଂ ଦୃଷ୍ଟାନ୍ତ ସ୍ପଷ୍ଟ ଏବଂ ନିର୍ଭୁଲ ଅଟେ । କିଛି ବିଷୟରେ ପାଠକଙ୍କୁ ବିଝିବାରେ ସାହାଯ୍ୟ କରେ । | ଚିତ୍ର ଏବଂ ଦୃଷ୍ଟାନ୍ତ ନିର୍ଭୁଲ ନୁହେଁ । ଏବଂ ପାଠକ ବୁଝିବାରେ ସହାୟକ ହୁଏନାହିଁ । |

ଉତ୍ସ: ସେନାପତି ୨୦୧୦, ପିପି ୪୬-୪୭

ରୁବ୍ରିକ ଶିକ୍ଷାର୍ଥୀମାନଙ୍କର ଶେଷ ଫଳାଫଳରେ ଉନ୍ନତି ଆଣେ, ଶିକ୍ଷଣକୁ ବୃଦ୍ଧି କରାଏ । ଯେତେବେଳେ ଶିକ୍ଷକ କାଗଜରେ କିମ୍ବା ପ୍ରକଳ୍ପର ମୂଲ୍ୟାୟନ କରନ୍ତି ସେମାନେ ଜାଣନ୍ତି ଯେ କେଉଁ ଉପାଦାନ ଭଲ ଏବଂ କାହିଁକି ? ଯଦି ଶିକ୍ଷାର୍ଥୀମାନେ ପୂର୍ବରୁ ରୁବ୍ରିକ୍‌କୁ ପାଆନ୍ତି, ତେବେ ସେମାନେ ଜାଣିପାରିବେ ଯେ ସେମାନଙ୍କର ମୂଲ୍ୟାଙ୍କନ କେମିତି ଏବଂ କେଉଁ ଅନୁସାରେ କରାଯିବ ଏବଂ ସେମାନେ ତଦାନୁସାରେ ପ୍ରସ୍ତୁତ ହେବେ । ରୁବ୍ରିକ୍‌ର ଅନେକ ଉପକାରିତା ରହିଛି ।

**ରୁବ୍ରିକ୍‌ର ଉପଯୋଗିତା**

ଶିକ୍ଷାର୍ଥୀମାନଙ୍କ ସ୍ପଷ୍ଟ ରୂପରେ ଦର୍ଶାଇ ଛାତ୍ରମାନଙ୍କର ପ୍ରଦର୍ଶନ ନିର୍ଭୁଲ କରେ । ଯେପରିକି ସେମାନଙ୍କର କାଗଜର ମୂଲ୍ୟାଙ୍କନ କିପରି ହେବ ଏବଂ କ'ଣ ଆଶା କରାଯାଇପାରିବ ।

- ଶିକ୍ଷାର୍ଥୀମାନଙ୍କୁ ନିଜ କାର୍ଯ୍ୟର ଗୁଣାବତ୍ତାର ଉତ୍ତମ ମୂଲ୍ୟାୟନ ପାଇଁ ବିଚାରକ ହେବାରେ ସାହାଯ୍ୟ କରେ ।
- ଆକଳନକୁ ଅଧିକ ଉଦ୍ଦେଶ୍ୟମୂଳକ ଏବଂ ସୁସଂଗତ କରେ ।
- ଶିକ୍ଷକକୁ ନିର୍ଦ୍ଦିଷ୍ଟ ସର୍ତ୍ତରେ ନିଜର ମାନଦଣ୍ଡ ସ୍ପଷ୍ଟ ଏବଂ ନିର୍ଭୁଲ କରିବା ପାଇଁ ଚାପ ପ୍ରୟୋଗ କରେ ।
- ଶିକ୍ଷକମାନେ ଶିକ୍ଷାର୍ଥୀମାନଙ୍କ କାର୍ଯ୍ୟର ମୂଲ୍ୟାୟନ କରିବା ପାଇଁ ବ୍ୟବହୃତ ସମୟକୁ କମାଇ ଦିଏ ।
- ସାଥିମାନଙ୍କ କାର୍ଯ୍ୟ ସଂପାଦନର ଆକଳନରେ ମାନଦଣ୍ଡ ବ୍ୟବହାର କରିବା ସଂପର୍କରେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସଚେତନତା ବିକାଶ କରିବା
- ଶୈକ୍ଷିକ ସୂଚନାର କାର୍ଯ୍ୟକାରିତା ସଂପର୍କରେ ଶିକ୍ଷକମାନଙ୍କୁ ଉପଯୋଗୀ ପ୍ରତିପୁଷ୍ଟି ପ୍ରଦାନ କରିବା
- ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ସାମର୍ଥ୍ୟ ଓ ଉନ୍ନତି ଆବଶ୍ୟକ କରୁଥିବା କ୍ଷେତ୍ର ସଂପର୍କରେ ଅଧିକ ତଥ୍ୟ ଆଧାରିତ ପ୍ରତିପୁଷ୍ଟ ପ୍ରଦାନ କରିବା ।
- ବ୍ୟବହାର ଓ ବର୍ଣ୍ଣନା କରିବା ସହଜ

## ୯.୫ ଗ୍ରେଡିଂ ବନାମ ମାର୍କିଂ ପ୍ରଣାଳୀ

ଛାତ୍ରଛାତ୍ରୀମାନଙ୍କ ଉପଲବ୍ଧିକୁ ଆକଳନ କରିବା ସମୟରେ ଆମମାନଙ୍କ ମଧ୍ୟରେ ସାଧାରଣତଃ ଏହି ୩ଟି ତଥ୍ୟ ବିଷୟରେ ଆଗ୍ରହ ଆସିଥାଏ ।

୧. ଛାତ୍ରଛାତ୍ରୀମାନଙ୍କ ନିଜସ୍ୱ ସନ୍ଦର୍ଭ ଭିତିରେ ସେମାନଙ୍କ ଅଗ୍ରଗତି
୨. ସାଙ୍ଗସାଥୀମାନଙ୍କ ସନ୍ଦର୍ଭ ଭିତିରେ ଛାତ୍ରଛାତ୍ରୀମାନଙ୍କ ଅଗ୍ରଗତି
୩. ଶିକ୍ଷକଙ୍କ ଦ୍ୱାରା ନିର୍ଦ୍ଧାରିତ ମାନଦଣ୍ଡ ହିସାବରେ ଛାତ୍ରଛାତ୍ରୀମାନଙ୍କ ଅଗ୍ରଗତି ।

ବର୍ତ୍ତମାନ ୧୦୧ ବିନ୍ଦୁ ମାପକ (ଉଦାହରଣସ୍ୱରୂପ-୦,୧,୨,......୧୦୦)କୁ ବ୍ୟବହାର କରି ଅଙ୍କ ବିଶିଷ୍ଟ ମୂଲ୍ୟାୟନ ଯୋଗୁ ବହୁତଗୁଡିଏ ଦୋଷଦୁର୍ବଳତାର ସମ୍ମୁଖୀନ ହେବାକୁ ପଡୁଛି ।

ଏଥିମଧ୍ୟରୁ ବର୍ତ୍ତମାନ ସମୟରେ ମୂଲ୍ୟାୟନ ପ୍ରଣାଳୀର ବଡ଼ ଦୋଷଦୁର୍ବଳତା ହେଉଛି ଯେ ୧୦୧ ସଂଖ୍ୟା ପ୍ରଣାଳୀର ୦ରୁ୧୦୦ ଯାଏ ଚାଲି ଉଭୟ ଶୂନ୍ୟ ଓ ୧୦୦ର ସମ୍ପୂର୍ଣ୍ଣ ଅନୁପସ୍ଥିତ ହେବ । ବ୍ୟବହାର କର୍ତ୍ତାମାନଙ୍କ ପାଇଁ ଯେଉଁ ୦କୁ ଆବିଷ୍କାର କରାଯାଇଛି ତାହା ନ ଥିବାର ଭାବନାକୁ ବା ୧୦୦ ପୂର୍ଣ୍ଣତାର ଉପଲବଧିକୁ

ଟିପ୍ପଣୀ

ଦର୍ଶାଇ ପାରୁନାହିଁ । ଏଥି ଯୋଗୁଁ ବିଭିନ୍ନ ବିଷୟରେ ଥିବା ମୂଲ୍ୟାୟନ ପ୍ରକ୍ରିୟାରେ ତାରତମ୍ୟ ସୃଷ୍ଟି ହେଉଛି । ଏଣୁ ଏହି ସୀମା ପରୀକ୍ଷାରୁ ପରୀକ୍ଷା ବା ବିଷୟରୁ ବିଷୟ ମଧ୍ୟରେ ଥିବା ଅଙ୍କର ତୁଳନାକୁ ଅନୁମତି ଦେଇ ନଥାଏ ।

ଯଦି ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ସାମର୍ଥ୍ୟର ମାନଦଣ୍ଡ ଉପରେ କେନ୍ଦ୍ରିତ ଥିବା ମୂଲ୍ୟାୟନ ପଦ୍ଧତି ସ୍ଥାନିତ କରାଯାଏ ତେବେ ଏହି ତ୍ରୁଟି ପ୍ରଣାଳୀରୁ ମୁକ୍ତି ମିଳିପାରିବ । ଛାତ୍ରଛାତ୍ରୀମାନଙ୍କୁ ବର୍ଗୀକରଣ କରିବା ସକାଶେ ନିଯୁକ୍ତି ଦେଇଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ମଧ୍ୟ ଏହି ତାରତମ୍ୟ ହୋଇପାରେ । ଏଣୁ ପ୍ରତ୍ୟେକ ସାମର୍ଥ୍ୟର ସୀମାକୁ ମାପିବା ପାଇଁ ଏକ ବର୍ଣ୍ଣ ବା ଅକ୍ଷରକୁ ଧାର୍ଯ୍ୟ କରାଯାଏ । ଯାହାକୁ ଗ୍ରେଡ୍ କୁହାଯାଏ । ଅତୀତରେ ଏପରିକି ଏନ୍‌ପିଇ- ପିଓଏ ୧୯୯୨ ପୂର୍ବରୁ ବି ବହୁତଗୁଡାଏ କମିଟି ଏବଂ କମିଶନ ମାର୍କିଂ ବଦଳରେ ଗ୍ରେଡିଂ ପ୍ରଣାଳୀକୁ ସୁପାରିଶ କରିଥିଲେ ।

ପାରମ୍ପରିକ ମାର୍କିଂ ପ୍ରଣାଳି ବଦଳରେ ଗ୍ରେଡିଂ ପ୍ରଣାଳୀର ଶ୍ରେଷ୍ଠତା ଯୋଗୁ ଭାରତର ବହୁଗୁଡାଏ ଉଚ୍ଚଶିକ୍ଷା ସମ୍ବଳିତ ଶିକ୍ଷାନୁଷ୍ଠାନ ଏହି ପ୍ରଣାଳୀ ଲାଗୁ କରିଛନ୍ତି । ବିଦ୍ୟାଳୟ ସ୍ତରରେ ଭାରତୀୟ ଶିକ୍ଷା ଓ ପରୀକ୍ଷଣ ପରିଷଦ ଅନେକ ଦିନରୁ ନିଜର ଶିକ୍ଷା ଓ ପରୀକ୍ଷା ପ୍ରଣାଳୀରେ ଗ୍ରେଡିଂ ପ୍ରଣାଳୀକୁ ମାନି ଆସୁଛନ୍ତି । କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଗ୍ରେଡିଂ ପ୍ରଣାଳୀକୁ ଲାଗୁ କରିବାକୁ ଚେଷ୍ଟା କରିଥିଲେ । ମାତ୍ର ସାଧାରଣ ଲୋକଙ୍କ ବିପରୀତ ମତାମତ ଏବଂ ବିଶ୍ୱବିଦ୍ୟାଳୟ ସ୍ତରରେ ପ୍ରତିରୋଧ ଯୋଗୁ ଏହା ପୁନଶ୍ଚ ବଦଳାଗଲା । ବର୍ତ୍ତମାନ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଓ ଭାରତୀୟ ଶିକ୍ଷା ଓ ପରୀକ୍ଷଣ ପରିଷଦ ସେମାନଙ୍କ ବୋର୍ଡ ପରୀକ୍ଷାର ଫଳାଫଳକୁ ଉଭୟ ଗ୍ରେଡିଂ ଓ ମାର୍କିଂ ପ୍ରଣାଳୀରେ ଜାରି ରଖିଛନ୍ତି ।

**ଶିକ୍ଷଣ କାର୍ଯ୍ୟ -୧୨**

୧. ତୁମେ ଗ୍ରେଡିଂ ଦ୍ୱାରା ଆକଳନ କରିଥିବା ଛାତ୍ରଛାତ୍ରୀମାନଙ୍କ ଶିକ୍ଷଣ କ୍ଷେତ୍ରକୁ ନାମକରଣ କର ।

୨. ଗ୍ରେଡିଂ ଜରିଆରେ ଛାତ୍ରଛାତ୍ରୀମାନଙ୍କୁ ଆକଳନ କରିବା ସମୟରେ ତୁମେ ଯଦି କିଛି ଅସୁବିଧାର ସମ୍ମୁଖୀନ ହୋଇଥାଅ ତେବେ ତାହା ବ୍ୟକ୍ତ କର ।

୩. ନିଜର ଅନୁଭୂତିରୁ ମାର୍କିଂ ବଦଳରେ ଗ୍ରେଡିଂର କଣ ଲାଭ ରହିଛି ବର୍ଣ୍ଣନା କର ।

---

**୯.୫.୧- ଗ୍ରେଡମାନଙ୍କର ବ୍ୟବହାର**

ମୂଲ୍ୟାୟନ ପ୍ରଣାଳୀ ପରିପ୍ରେକ୍ଷୀରେ ଗ୍ରେଡିଂ ସଙ୍କେତ ଗୁଡିକର ବ୍ୟବହାର ପାଇଁ ଏକ ଅତ୍ୟାବଶ୍ୟକ ପଦ୍ଧତି ଯଥା (କ,ଖ,ଗ,ଘ,ଙ) ଇତ୍ୟାଦି ଯାହା ସ୍ପଷ୍ଟ ରୂପରେ ବର୍ଣ୍ଣିତ ହେବା ଉଚିତ୍ ଓ ଛାତ୍ରଛତ୍ରୀ, ଶିକ୍ଷକ, ପିତାମାତା ଓ ଅନ୍ୟମାନେ ସମାନ ଭାବେ ବୁଝିବା ଦରକାର । ମାର୍କଗୁଡିକ ମଧ୍ୟ ୧୦୧ ବିନ୍ଦୁ ବିଶିଷ୍ଟ ମାପକ ଉପରେ ଏକ ପ୍ରକାର ଗ୍ରେଡ ଅଟେ । ସଠିକ୍ ଭାବେ ପ୍ରାରମ୍ଭ କରାଯାଇଥିବା ଏହି ଗ୍ରେଡିଂ ପ୍ରଣାଳୀ ଛାତ୍ରଛାତ୍ରୀମାନଙ୍କର ତୁଳନାତ୍ମକ ପ୍ରଦର୍ଶନ ସହ ସେମାନଙ୍କର ପ୍ରଦର୍ଶନର ମାନକୁ ମଧ୍ୟ ଦର୍ଶାଇଥାଏ ।

**୯.୫.୨- ଗ୍ରେଡ୍ ଦେବାର ପଦ୍ଧତି**

ବିଭିନ୍ନ ମାର୍ଗରେ ଗ୍ରେଡିଂ କରାଯାଇଥାଏ । ଯଥା -୧. ପ୍ରତ୍ୟକ୍ଷ ଗ୍ରେଡିଂ, ୨. ପରୋକ୍ଷ ଗ୍ରେଡି. ୩. ସମ୍ପୂର୍ଣ୍ଣ ଗ୍ରେଡିଂ ।

**ପ୍ରତ୍ୟକ୍ଷ ଗ୍ରେଡିଂ**

ଏଥିରେ ଶିକ୍ଷାର୍ଥୀମାନଙ୍କୁ ଗୁଣାତ୍ମକ ମାନ ଓ ଆକ୍ଷରିକ ପ୍ରଣାଳୀ ଭିତରେ (ଯେପରିକି ଏ,ବି,ସି,ଡି......) ଆକଳନ କରାଯାଏ । ଏହି ପଦ୍ଧତି ଶୈକ୍ଷିକ ବିଷୟ, ଶୈକ୍ଷିକ କାର୍ଯ୍ୟକ୍ରମ ଏବଂ ବ୍ୟକ୍ତିଗତ ଓ ସାମାଜିକ ଗୁଣାବଳୀଗୁଡିକର ଆକଳନ ପାଇଁ ଲାଭ ଦାୟକ ଭାବେ ବ୍ୟବହାର କରାଯାଇ ପାରିବ ।

ଏହି ପଦ୍ଧତି ଶିକ୍ଷାର୍ଥୀମାନଙ୍କର ପ୍ରଦର୍ଶନ ସର୍ବ ପ୍ରଥମ ମାର୍କ ହିସାବରେ ଆକଳନ କଲା ପରେ ପରବର୍ତ୍ତୀ ସମୟରେ ଏହା ଆପେକ୍ଷିକ ବା ସମ୍ପୂର୍ଣ୍ଣ ଗ୍ରେଡିଂ ପ୍ରଣାଳୀରେ ଗ୍ରେଡିଂ କରାଯାଏ ।

ସମ୍ପୂର୍ଣ୍ଣ ଗ୍ରେଡିଂ

ଏହି ପଦ୍ଧତୀରେ ଗୋଟିଏ ବିଷୟରେ ନିରପେକ୍ଷ ଭାବେ ପ୍ରଦାନ କରାଯାଉଥିବା ମାର୍କଗୁଡିକୁ ସିଧାସଳଖ

ଗ୍ରେଡରେ ପରିଣତ କରାଯାଇଥାଏ । ଏହାର ଉଦ୍ଦେଶ୍ୟ କେବଳ ଛାତ୍ରଛାତ୍ରୀମାନଙ୍କୁ ୫ଟି ଶ୍ରେଣୀ ଭୁକ୍ତ କରିବା ପାଇଁ ହୋଇଥାଏ । ଯାହା ନିମ୍ନରେ ପ୍ରଦାନ କରାଗଲା ।

| ମାର୍କଗୁଡିକର ସୀମା | ଗ୍ରେଡ୍ |
|---|---|
| ୭୫ ପ୍ରତିଶତରୁ ଉର୍ଦ୍ଧ୍ୱ | A |
| ୬୦ ପ୍ରତିଶତରୁ ୭୪ ପ୍ରତିଶତ | B |
| ୪୫ ପ୍ରତିଶତରୁ ୫୯ ପ୍ରତିଶତ | C |
| ୩୩ ପ୍ରତିଶତରୁ ୪୪ ପ୍ରତିଶତ | D |
| ୩୩ ପ୍ରତିଶତରୁ କମ୍ | E |



ଟିପ୍ପଣୀ

ସମ୍ପୂର୍ଣ୍ଣ ଗ୍ରେଡିଂର ବିତରଣ ପୂର୍ବ ନିର୍ଦ୍ଧାରିତ ହୋଇ ନଥାଏ । ଯଦି ସମସ୍ତ ଛାତ୍ରଛାତ୍ରୀ ଉଚ୍ଚ ପ୍ରଦର୍ଶନ କରନ୍ତି, ତେବେ ସମସ୍ତଙ୍କୁ ଉଚ୍ଚ ଶ୍ରେଣୀର ଗ୍ରେଡ୍ ଦିଆଯାଇଥାଏ । ଯଦି କିଛି ପିଲା ଖରାପ ପ୍ରଦର୍ଶନ କରନ୍ତି, ତା ହେଲେ ସେମାନଙ୍କୁ ତଳୁଆ ଶ୍ରେଣୀ ପାଇଁ ଉର୍ଦ୍ଦିଷ୍ଟ ଗ୍ରେଡ ଦିଆଯାଇଥାଏ ।

ଆପେକ୍ଷିକ ଗ୍ରେଡ୍

ଏହି ଗ୍ରେଡିଂକୁ ଏକ ବକ୍ରରୈଖିକ ଗ୍ରେଡିଂ ମଧ୍ୟ କୁହାଯାଏ । ଏହି ଶ୍ରେଣୀ ସାମାନ୍ୟ ଭାବେ ସମ୍ଭାବିତ ଶ୍ରେଣୀ ହୋଇଥାଏ । ଏହି ନିୟମ ସନ୍ଦର୍ଭିତ ଗ୍ରେଡିଂ ଭାବେ ମଧ୍ୟ ଜଣାଯାଏ । ଏହି ଗ୍ରେଡିଂ ସାଧାରଣତଃ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ଉପଲବଧିକୁ ଧ୍ୟାନରେ ରଖି ଦିଆଯାଇଥାଏ । ଏଣୁ ବ୍ୟବହୃତ ଏ, ବି, ସି, ଡି, ଇ ଅକ୍ଷର ଗ୍ରେଡଗୁଡିକୁ ବ୍ୟବହାର କରିବା ପୂର୍ବରୁ ହିଁ ଏଗୁଡିକର ଅନୁପାତିକ ନିର୍ଦ୍ଧାରଣ କରାଯାଇଥାଏ ।

ସାଧାରଣତଃ ପୂର୍ବରେ ଏହି ଶ୍ରେଣୀଭୁକ୍ତ ଗ୍ରେଡିଂଗୁଡିକ ଏ ଏବଂ ବି ଏବଂ ସି ଏବଂ ଡି ଏବଂ ଇ ର ସମାନ ସଂଖ୍ୟକ ଶତକଡା ସହ ପ୍ରତିଫଳିତ ହୋଇଥିଲା । ଉଦାହରଣସ୍ୱରୂପ ଯଦି ଛାତ୍ରଛାତ୍ରୀମାନଙ୍କୁ ୫ଟି ଶ୍ରେଣୀରେ ଶ୍ରେଣୀଭୁକ୍ତ କରାଯାଏ, ତେବେ ଗ୍ରେଡଗୁଡିକର ବିତରଣ ନିମ୍ନ ପ୍ରକାର ହେବ ।

| ଆକ୍ଷରିକ ଗ୍ରେଡ୍ | ବ୍ୟବଧାନ(ସିଗମା ଦୂରତା) | ସଂଖ୍ୟା( ଶତକଡା) |
|---|---|---|
| A | ୧.୫ ରୁ ୦୦ | ୭ ପ୍ରତିଶତ |
| B | ୦.୫ ରୁ ୧.୫ | ୨୪ ପ୍ରତିଶତ |
| C | -୦.୫ ରୁ ୦.୫ | ୩୮ ପ୍ରତିଶତ |
| D | -୧.୫ ରୁ -୦.୫ | ୨୪ ପ୍ରତିଶତ |
| E | -୦୦ ରୁ -୧.୫ | ୭ ପ୍ରତିଶତ |

ଶ୍ରେଣୀର ଦଳଗୁଡିକ ପାଇଁ ସାଧାରଣ ବକ୍ରରେ ଗ୍ରେଡିଂ କରିବା ଯୁକ୍ତି ସଙ୍ଗତ ଓ ଉପଯୁକ୍ତ ନୁହେଁ ବୋଲି ମନେକରାଯାଏ (ସାଧାରଣ ବିତରଣ ପାଇଁ ଅତି ଛୋଟ ଦଳ)। ଏଣୁ ଜଣେ ଶିକ୍ଷକଙ୍କ ଦ୍ୱାରା ସମାନୁପାତିକ ମାର୍କ ବଣ୍ଟନ କରିବା ସକାଶେ ଅଧିକ ସ୍ୱର୍ଶକାତର ପନ୍ଥା ହେଉଛି ମାର୍ଗଦର୍ଶକ ନୀତି ନିର୍ଦ୍ଧାରଣ କରିବା । ଏଥିରେ ଗୋଟିଏ ପାଠ୍ୟକ୍ରମଠାରୁ ଅନ୍ୟ ପାଠ୍ୟକ୍ରମ ଓ ନିର୍ଦ୍ଦିଷ୍ଟ ପାଠ୍ୟକ୍ରମର ଏକ ସମୟରୁ ଅନ୍ୟ ଏକ ସମୟକୁ ଯିବା ପାଇଁ ପିଲାମାନଙ୍କୁ ଅନୁମତି ଦେବାରେ ବିତରଣ ନମନୀୟ ହେବା ଉଚିତ୍ । ଏଣୁ ଗୋଟିଏ ନିର୍ଦ୍ଦିଷ୍ଟ ଶତକଡା ସ୍ଥାନରେ ଛାତ୍ରଛାତ୍ରୀମାନଙ୍କୁ ନରଖି ଏକ ସୀମା ମଧ୍ୟରେ ରଖି ନିମ୍ନ ଅନୁସାରେ ସେମାନେ ପାଇଥିବା ଆକ୍ଷରିକ ଗ୍ରେଡ୍‌ଗୁଡିକୁ ନେବା ଆବଶ୍ୟକ ।

ଟିପ୍ପଣୀ

A - ୧୦ ରୁ ୨୦ ଶତକଡା ଛାତ୍ରଛାତ୍ରୀ
B - ୨୦ ରୁ ୩୦ ଶତକଡା ଛାତ୍ରଛାତ୍ରୀ
C - ୩୦ ରୁ ୪୦ ଶତକଡା ଛାତ୍ରଛାତ୍ରୀ
D - ୪୦ ରୁ ୫୦ ଶତକଡା ଛାତ୍ରଛାତ୍ରୀ
E - ୫୦ ରୁ ୬୦ ଶତକଡା ଛାତ୍ରଛାତ୍ରୀ

ଏହି ସୀମାକୁ ନିର୍ଦ୍ଧାରଣ କରିବାରେ କୌଣସି ବୈଜ୍ଞାନିକ ପ୍ରକ୍ରିୟା ନାହିଁ । ଏଣୁ ବିଭିନ୍ନ ବିଷୟରେ ଅନୁଷ୍ଠାନର ଚିନ୍ତାଧାରା, କ୍ଷମତା ଓ ଛାତ୍ରଛାତ୍ରୀମାନଙ୍କୁ ନେଇ ବିଭିନ୍ନ ବିଷୟଗତ ଅକ୍ଷମତା ଉପରେ ଅନୁଷ୍ଠାନ ନିଷ୍ପତ୍ତି ନେବା ଆବଶ୍ୟକ ।

ସାମଗ୍ରିକ ପ୍ରଦର୍ଶନର ତୁଳନା: ହାରାହାରି ଗ୍ରେଡ୍ ପଏଣ୍ଟ

ଶିକ୍ଷାର୍ଥୀର ବିଷୟଗତ ତଥା ବିଷୟ ବର୍ହିଭୂତ ପ୍ରଦର୍ଶନର ତୁଳନା ଆପେକ୍ଷିକ ଗ୍ରେଡିଂ ବ୍ୟବସ୍ଥା ଦ୍ୱାରା ଜାଣିହୁଏ । କିନ୍ତୁ ଆମେ ଯଦି ଶିକ୍ଷାର୍ଥୀମାନଙ୍କର ବିଭିନ୍ନ ବିଷୟରେ ସାମଗ୍ରିକ ପ୍ରଦର୍ଶନକୁ ତୁଳନା କରିବାକୁ ଚାହିଁବା ତେବେ ଆମେ ବିଭିନ୍ନ ବିଷୟରେ ପାଇଥିବା ଗ୍ରେଡକୁ ମିଶାଇ ହାରାହାରି ପଏଂଟ ବାହାର କରିବା ଆବଶ୍ୟକ । ହାରାହାରି ପଏଂଟ୍ ଗ୍ରେଡ ହିସାବ କରିବା ପାଇଁ ସମସ୍ତ ବିଷୟର ଗ୍ରେଡ୍‌ଗୁଡିକ ଆପେକ୍ଷିକ ଗ୍ରେଡିଂ ପ୍ରଣାଳୀ ଉପରେ ଆଧାରିତ ।

| ଶିକ୍ଷାର୍ଥୀ | ବିଭିନ୍ନ ବିଷୟରେ ଗ୍ରେଡ୍ | | | | | ହାରାହାରି ପଏଂଟ୍ |
|---|---|---|---|---|---|---|
| X | A | C | B | B | C | 3.8 |
| Y | C | B | A | A | B | 4.2 |

X ର ହାରାହାରି ଗ୍ରେଡ୍ ପଏଣ୍ଟ - ୫+୩+୪+୪+୩ / ୫ = ୧୯/୫ = ୩.୮

Y ର ହାରାହାରି ଗ୍ରେଡ୍ ପଏଣ୍ଟ - ୩+୪+୫+୫+୪ /୫ = ୨୧/୫ = ୪.୨

ହାରାହାରି ପଏଂଟ ଗ୍ରେଡ ବ୍ୟବସ୍ଥାକୁ ଆଧାର କରି ଜଣାଯାଏ Y ର କାର୍ଯ୍ୟ ସଂପାଦନ X ଠାରୁ ଭଲ ଅଟେ ।

**୯.୫.୪ ଫଳପ୍ରଦ ଗ୍ରେଡିଂ ପାଇଁ ନିୟମାବଳୀ**

ଗ୍ରେଡିଂ ବ୍ୟବସ୍ଥା ଅନୁସାରେ ନିମ୍ନଲିଖିତ ଉପାୟରେ ନିର୍ଭରଯୋଗ୍ୟ ଓ ବିଧିମାନ୍ୟତା ଭାବେ ଗ୍ରେଡ୍ ଦିଆଯାଇପାରିବ ।

୧. ତୁମ ଅନୁଷ୍ଠାନର ଆରମ୍ଭ ସମୟରେ ପିଲାଙ୍କୁ ଗ୍ରେଡିଂ କରିବା ବ୍ୟବସ୍ଥା ବର୍ଣ୍ଣନା କର ।

୨. ପିଲାଙ୍କୁ ସହଜରେ ବୁଝାଅ ଯେ ବିଷୟଗତ ଗ୍ରେଡିଂ ଉପଲବ୍ଧି ଉପରେ ଆଧାରିତ ।

୩. ଅନ୍ୟାନ୍ୟ ଉପାଦାନ(ଚେଷ୍ଟା, କାର୍ଯ୍ୟାଭ୍ୟାସ, ସାମାଜିକ-ବ୍ୟକ୍ତିଗତ ଗୁଣାବଳୀ) କିପରି ଅଭିଲିଖନ କରାଯିବ ବର୍ଣ୍ଣନା କର ।

୪. ଅଭିଲାଶିତ ଶିକ୍ଷଣ ଫଳାଫଳଗୁଡିକୁ ଗ୍ରେଡିଂ ବ୍ୟବସ୍ଥା ଦ୍ୱାରା ସଂପର୍କିତ କର ।

୫. ଗ୍ରେଡ୍ ନ୍ୟସ୍ତ କରିବା ବିଧିବଦ୍ଧ ଭାବେ ପ୍ରମାଣ (ପରୀକ୍ଷଣ, ବିବରଣୀ, ରେଟିଂ) କର ।

୬. ପରୀକ୍ଷାରେ ବିବରଣୀ ଏବଂ ଅନ୍ୟାନ୍ୟ ପ୍ରକାର ମୂଲ୍ୟାୟନରେ ଠକାମିକୁ ଦୂରେଇବା ପାଇଁ ପ୍ରତିକାରାତ୍ମକ ପଦକ୍ଷେପ ନିଅ ।

୭. ସମସ୍ତ ପରୀକ୍ଷଣ ଫଳାଫଳର(ଏବଂ ଅନ୍ୟାନ୍ୟ ମୂଲ୍ୟାୟନ ତଥ୍ୟ) ବିଷୟରେ ତୁରନ୍ତ ସମୀକ୍ଷା କର ।



ଟିପ୍ପଣୀ

୮. ବିଭିନ୍ନ ପ୍ରକାର ଉପଲବଧିକୁ ଠିକ ଭାବେ ବିଚାର କରିବା ।

୯. କମ୍ ଚେଷ୍ଟା କିମ୍ବା ଅଭଦ୍ର ବ୍ୟବହାର ପାଇଁ ଉପଲବଧ ଗ୍ରେଡ କମାଅ ନାହିଁ ।

୧୦. ନ୍ୟାୟ ସଂଗତ ହୁଅ, ପକ୍ଷପାତିତାକୁ ଦୂର କର ଏବଂ ଯେତେବେଳେ ସନ୍ଦହ ହେବ, ପ୍ରମାଣକୁ ସମୀକ୍ଷା କର । (ସୀମାନ୍ତ ରେଖା ପ୍ରାପ୍ତ ଅଙ୍କ ସହ) ତଥାପି ଯଦି ସନ୍ଦେହ ହୁଏ ଉଚ୍ଚ ଗ୍ରେଡ ଦିଅ ।

**ଗ୍ରେଡିଂ ବ୍ୟବସ୍ଥାର ଉପକାର/ସୁବିଧା**

- ଏହା ଅବିଶ୍ୱସ୍ତ ମାର୍କକୁ ଆଧାର କରି ଶିକ୍ଷାର୍ଥୀମାନଙ୍କର ଭୁଲ୍ ବର୍ଗୀକରଣକୁ କମାଇବ ।
- ଏହା ଉଚ୍ଚ ଉପଲବଧି ହାସଲ କରିଥିବା ଶିକ୍ଷାର୍ଥୀଙ୍କ ଭିତରେ ଥିବା ଅସ୍ୱାସ୍ଥ୍ୟକର ପ୍ରତିଯୋଗିତାକୁ ଦୂର କରିଥାଏ ।
- ଯେତେବେଳେ ପାସ୍/ ଫେଲ୍ ବ୍ୟବସ୍ଥା ବନ୍ଦ ହୋଇଥାଏ କମ୍ ନମ୍ବର ପାଇଥିବା ପିଲାଙ୍କୁ ଆସ୍ୱସ୍ତି ମିଳିଥାଏ ।
- ଏହା ଛାତ୍ରଛାତ୍ରୀଙ୍କୁ ବିଷୟରେ ଏବଂ ଗ୍ରେଡ୍‌ରେ ଉନ୍ନତି ଆଣିବାରେ ଏବଂ କଳଙ୍କିତ ଫେଲ୍ ବ୍ୟବସ୍ଥାକୁ ଦୂର କରିଥାଏ ।
- ଏହା ଛାତ୍ରଛାତ୍ରୀମାନଙ୍କୁ ଆତ୍ମହତ୍ୟା ପାଇଁ ଇଚ୍ଛା ଓ ଫେଲ୍ ଭୟରେ ଘରୁ ପଳେଇଯିବାକୁ ରୋକିଥାଏ ।
- ପିଲାମାନଙ୍କୁ ଫେଲ୍ ବ୍ୟବସ୍ଥାରୁ ରୋକିବା ଦ୍ୱାରା ମାନବ ଏବଂ ପ୍ରାକୃତିକ ସମ୍ବଳ ଶତକଡା ୫୦ରୁ ଅଧିକ ଉପକୃତ ହୋଇଥାନ୍ତି ।

**ନିଜ ଅଗ୍ରଗତି ଆକଳନ - ୩**

୧. ଶିକ୍ଷାର୍ଥୀମାନେ କରୁଥିବା ବିଭିନ୍ନ କାର୍ଯ୍ୟ ଯାହାକୁ କୃତି ଆକଳନ ପାଇଁ ନିଆଯାଇପାରିବ ତାହାର ଏକ ତାଲିକା ପ୍ରସ୍ତୁତ କର ।

..........................................................................................................................................

..........................................................................................................................................

..........................................................................................................................................

୨. ରୁବ୍ରିକ୍ସର ଉପାଦେୟତାଗୁଡିକ ଲେଖ ।

..........................................................................................................................................

..........................................................................................................................................

..........................................................................................................................................

## ୯.୬ ସାରାଂଶ

ଭାରତୀୟ ଶିକ୍ଷା ପଦ୍ଧତିରେ ପରୀକ୍ଷା, ଚାପ ଓ ଉଦ୍‌ବେଗ ସହିତ ମୂଲ୍ୟାୟନ ଶବ୍ଦଟି ସହଯୋଗୀ ଅଟେ । ଶିକ୍ଷାର୍ଥୀ କଣ ଜାଣେ କିମ୍ବା କଣ କରିପାରିବ ବଦଳରେ କଣ ଜାଣେ ନାହିଁ ବା କଣ କରିପାରିବ ନାହିଁ ଏହା ପ୍ରକାଶ କରିଥାଏ । ଏହା ବିଷୟବସ୍ତୁକୁ ଘୋଷି ମନେରଖିଥିବା ଜ୍ଞାନକୁ ଆକଳନ କରିବାରେ କେନ୍ଦ୍ରିଭୂତ କରିଥାଏ । ଅଧିକାଂଶ ସମୟରେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ତୁଳନା ଓ ଅସ୍ୱାସ୍ଥ୍ୟକର ପ୍ରତିଦ୍ୱନ୍ଦ୍ୱିତାରେ ଏହା ନେତୃତ୍ୱ ନେଇଥାଏ ଏବଂ କିଛି ମାମଲାରେ ଏପରିକି ଗୋଟିଏ ନମ୍ବର ଯାହା ସ୍ଥାନ/ଆତ୍ମହତ୍ୟାରେ ନେତୃତ୍ୱ ନେଇଥାଏ । ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାର ଉନ୍ନତି କରିବା ହେଉଛି ଆକଳନର ମୌଳିକ ଉଦ୍ଦେଶ୍ୟ ଏବଂ ଶିକ୍ଷାର୍ଥୀମାନଙ୍କ ବିକଶିତ ସାମର୍ଥ୍ୟର ପରିସରକୁ ମାପିବା ମଧ୍ୟ ଏହାର ଉଦ୍ଦେଶ୍ୟ । ସୁପରିକଳ୍ପିତ ଆକଳନ ଏବଂ ନିୟମିତ ବିବରଣୀ ଶିକ୍ଷାର୍ଥୀମାନଙ୍କୁ ପ୍ରତିପୁଷ୍ଟି ଦେଇଥାଏ । ଅଧିକ ଶିକ୍ଷଣ ପାଇଁ ମଧ୍ୟ ଉତ୍ସାହିତ କରିଥାଏ । ଶିକ୍ଷଣର ଗୁଣାତ୍ମକତା ଓ ସେମାନଙ୍କର କ୍ରମୋନ୍ନତିକୁ ସମ୍ଭାଳିବାରେ ସେମାନେ ମଧ୍ୟ ନିଜ ପିତାମାତାଙ୍କୁ ସୂଚିତ କରିବେ । ଏହା ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାକୁ ଉତ୍ସାହିତ କରିବାର ଏକ ମାଧ୍ୟମ ନୁହେଁ । ଏକ ଉତ୍ତମ ଆକଳନ ଶିକ୍ଷଣ ପ୍ରକ୍ରିୟାର ଏକ ପୂର୍ଣ୍ଣାଙ୍ଗ ଅଂଶ ହେବା ଉଚିତ୍ ଏବଂ ଉଭୟ ଶିକ୍ଷାର୍ଥୀମାନେ ସେମାନଙ୍କ ମଧ୍ୟରେ

ଓ ଶିକ୍ଷକ ପ୍ରତିପୁଷ୍ଟି ଦେବାରେ ସୁବିଧା ପାଇବେ । ଏହା ସତ୍ୟ ଯେ ଶିକ୍ଷକମାନେ ସର୍ବଦା ଶିକ୍ଷାର୍ଥୀଙ୍କ ଉନ୍ନତିକୁ ଅନୌପଚାରିକତା ଭାବରେ ଲକ୍ଷ୍ୟ କରିବେ । ଶିକ୍ଷଣ ଶିକ୍ଷାଦାନ ପ୍ରକ୍ରିୟାର ବିକାଶ ପାଇଁ ଏହି ଅନୌପଚାରିକତା ପର୍ଯ୍ୟବେକ୍ଷଣ ବିନା ଦ୍ୱିଧାରେ ବହୁଳ ଭାବରେ ପୀଡିତ । ଶିକ୍ଷାର୍ଥୀମାନଙ୍କ ସୂଚନା ସଂଗ୍ରହରେ ଶିକ୍ଷକଙ୍କୁ ମୂଲ୍ୟାୟନର ଆକଳନ କରିବାର ଆବଶ୍ୟକ ସାହାଯ୍ୟ କରେ । ଏଣୁ ଆକଳନ ଦୈନିକ ଓ ନିର୍ଘଂଟ ଅନୁସାରେ ହେବା ଉଚିତ୍ ।

ଆମ୍ଭମାନଙ୍କ ମଧ୍ୟରେ ଏକ ଜଟିଳ ପ୍ରଶ୍ନ ଆସେ କି କେତେବେଳେ ଓ କିପରି ଶିକ୍ଷାର୍ଥୀମାନଙ୍କ ଶିକ୍ଷଣର ଆକଳନ ଆମେ କରିବା । ଯେହେତୁ ଅନେକ ଶିକ୍ଷକଙ୍କର ମତ ଯେ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାରେ ଶିକ୍ଷଣର ଫଳାଫଳର ଆକଳନ ନିରବଚ୍ଛିନ୍ନ ହେବା ଉଚିତ୍ । କେତେକ ଏହାକୁ ବିରୋଧ କରି କହନ୍ତି ଯେ ନିରବଚ୍ଛିନ୍ନ ଆକଳନ ଶିକ୍ଷଣ ସମୟକୁ କମ କରିଥାଏ । ତେଣୁ ଏହା ସମୟ ଅପଚୟ/ନଷ୍ଟ କରେ । ସାମଗ୍ରିକ ଓ ନିରନ୍ତର ମୂଲ୍ୟାୟନ ଏକ ମୂଲ୍ୟାୟନ ପ୍ରକ୍ରିୟାକୁ ଅନୁସରଣ କରେ ଯାହାକି ବିଦ୍ୟାଳୟ ପର୍ଯ୍ୟବେଶିତ ଓ ଶିକ୍ଷାର୍ଥୀର ସାମଗ୍ରିକ ବିକାଶରେ ଲକ୍ଷ୍ୟ ରଖିଥାଏ ।

ବିସ୍ତୃତ ଭାବରେ ଏହା ବିଶ୍ୱାସ କରାଯାଏ ଯେ ସାମାଜିକ ବିଜ୍ଞାନ କେବଳ ସୂଚନା ପ୍ରେରଣ କରିଥାଏ । ଏହା ପୁସ୍ତକ କୈନ୍ଦ୍ରୀକ ଏବଂ ପରୀକ୍ଷା ପାଇଁ ଏହାକୁ ମନେ ରଖିବାକୁ ହୁଏ । ଏହି ପାଠ୍ୟପୁସ୍ତକର ବିଷୟବସ୍ତୁଗୁଡିକ ଦୈନିକ ବାସ୍ତବତା ସହିତ ଜଡ଼ିତ ନୁହେଁ ବୋଲି ଧରାଯାଏ । ଆମେ ଶିକ୍ଷାର୍ଥୀମାନଙ୍କୁ ଶିକ୍ଷଣ ପାଇଁ କରୁଥିବା ବିଭିନ୍ନ ମୂଲ୍ୟାୟନ ଅଭ୍ୟାସ ଏହାର ମୁଖ୍ୟ କାରଣ ଅଟେ । ବିଶେଷକରି ସାମାଜିକ ବିଜ୍ଞାନରେ ସାଧାରଣ ଭାବେ ଶିକ୍ଷକକୃତ ଓ ସ୍ଥିରୀକୃତ ପରୀକ୍ଷା ଯେଉଁଥିରେ ବହୁ ପସନ୍ଦଭିତ୍ତିକ କିମ୍ବା ଉଦ୍ଦେଶ୍ୟମୂଳକ ପ୍ରଶ୍ନ ରଖାଯାଏ । ଜଟିଳ ସମସ୍ୟା, ସାମାଧାନକୁ ମାପିବାର କୌଶଳ, ବହୁମୁଖୀ ଚିନ୍ତନ, ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସହଭାଗୀତାର ପ୍ରଚେଷ୍ଟା ଓ କଥୋପକଥନ  କୌଶଳ ଇତ୍ୟାଦି ଏହି ମୂଲ୍ୟାୟନ ପ୍ରକ୍ରିୟାରେ ଅଧିକ ବ୍ୟବହାର କରାଯାଏ । ଯଦ୍ୟପି ଏହି ଅଭ୍ୟାସଗୁଡ଼ିକୁ ଦୁଇ ଦଶନ୍ଧି ପୂର୍ବେ ଆହ୍ୱାନ କରାଯାଇଥିଲ, ତଥାପି ଆମ ଶିକ୍ଷାନୁଷ୍ଠାନରେ ଆମେ ଏହାକୁ ଅନୁସରଣ କରୁଛୁ । ଆମ ଶିକ୍ଷାନୁଷ୍ଠାନମାନଙ୍କରେ ଆକଳନର ଏକ ବିକଳ୍ପ ପ୍ରକ୍ରିୟା / ପ୍ରଣାଳୀକୁ ନୂତନ ପରିଚୟ ଦେବା ବର୍ତ୍ତମାନ ଏକ ଉଚିତ୍ ସମୟ । ଏହି ଅଭ୍ୟାସଗୁଡ଼ିକୁ ଯଥା ସୃଜନାତ୍ମକ ଚିନ୍ତନ, ଲିଖନ, ଅଭିନୟ ଓ ନୃତ୍ୟ, କୃତି ଆକଳନ, କ୍ଷେତ୍ର ପରିଭ୍ରମଣ, ଦୃଶ୍ୟ ପଠନ କାର୍ଯ୍ୟ, ପ୍ରଦର୍ଶନ ପର୍ଯ୍ୟବେଶିତ ଆକଳନ ପାଇଁ ସଂକ୍ଷିପ୍ତ ଟିପ୍‌ପଣୀ ଇତ୍ୟାଦି କେବଳ ସାମାଜିକ ବାସ୍ତବତାକୁ ଗ୍ରହଣ କରି ନଥାଏ ବରଂ ମୂଲ୍ୟାୟନ ଅଭ୍ୟାସକୁ କ୍ରିୟାଶୀଳ, ଅଂଶଗ୍ରହଣ ଓ ଆନନ୍ଦଦାୟୀ କରିଥାଏ ।

ଜ୍ଞାନ ସଂଗଠନ / ନିର୍ମାତାର ସଂଗଠନବାଦ ନୀତି ଉପରେ ବିକଳ୍ପ ଆକଳନ ପ୍ରକ୍ରିୟା ପର୍ଯ୍ୟବେଶିତ । ଏହି ପ୍ରକ୍ରିୟାରେ ମୌଳିକ ଲକ୍ଷ୍ୟ ଶିକ୍ଷାର୍ଥୀଙ୍କ ବାସ୍ତବ ଜୀବନର କାର୍ଯ୍ୟଭାର  ଓ ଗତିବିଧିର ସୃଜନଶୀଳ ଅଭିବ୍ୟକ୍ତି ଓ ପାରଦର୍ଶିତା ଦକ୍ଷତା ଉପରେ ନିର୍ଭର କରେ । ତେଣୁ ସାମାଜିକ ବିଜ୍ଞାନର ଆକଳନ କାଗଜ, ପେନସିଲ୍, ପରୀକ୍ଷା ମଧ୍ୟରେ ସୀମିତ ହୋଇ ରହିବା ଉଚିତ ନୁହେଁ । ଆକଳନ ବିଭିନ୍ନ ପ୍ରକ୍ରିୟା ମାଧ୍ୟମରେ କରାଯାଇପାରିବ ଯଥା ଅଭିନୟ, ଚିତ୍ରଗଠନ, କାର୍ଯ୍ୟ, ପ୍ରକଳ୍ପ, ପରୀକ୍ଷା ଓ କୃତି, ସଂକ୍ଷିପ୍ତ ଟିପ୍‌ପଣୀ ପିଲାମାନଙ୍କର ଚିତ୍ରାଙ୍କନ ଓ ଏପରିକି ପିଲାମାନଙ୍କ ସହିତ ବାର୍ତ୍ତାଳପ ।

## ୯.୭. ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

### ନିଜ ଅଗ୍ରଗତି ଆକଳନ - ୧

**୩. ପ୍ରାଥମିକ ସ୍ତରରେ ସାମାଜିକ ବିଜ୍ଞାନର ଆକଳନର ଉଦ୍ଦେଶ୍ୟଗୁଡିକ ବର୍ଣ୍ଣନା କର ।**

ଉତ୍ତର- ମୋଟାମୋଟି ଭାବରେ ଆକଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଶିକ୍ଷଣ ଶିକ୍ଷାଦାନ ପ୍ରକ୍ରିୟାରେ ଉନ୍ନତି ଆଣିବା ଏବଂ ପରିଶେଷରେ ଶିକ୍ଷାର୍ଥୀମାନଙ୍କ ସାମର୍ଥ୍ୟ କେତେଦୂର ଆକଳନ ହୋଇପାରିଛି ତାକୁ ମାପିବା । ଆକଳନର ମୁଖ୍ୟ ଉଦ୍ଦେଶ୍ୟଗୁଡିକ ହେଉଛି -

- ଏକ ନିର୍ଦ୍ଦିଷ୍ଟ ସମୟରେ ଏକ ଶିକ୍ଷାର୍ଥୀ ମଧ୍ୟରେ କଣ ପରିବର୍ତ୍ତନ ଆସିଛି ଏବଂ ସେ କଣ ଶିଖିଛି ତାକୁ ବାହାର କରିବା ।

- ବ୍ୟକ୍ତିଗତ ପ୍ରୟୋଜନ ଓ ଆବଶ୍ୟକତାଗୁଡ଼ିକୁ ଚିହ୍ନଟ କରିବା ।
- ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟାକୁ ଉପଯୁକ୍ତ ଭାବେ ଯୋଜନା କରିବା ।
- ଶିକ୍ଷାର୍ଥୀ କଣ ଜାଣିଛି ଏବଂ କଣ କରିପାରିବ ତାକୁ ବୁଝିବାରେ ସାହାଯ୍ୟ କରିବା ।
- ଶିକ୍ଷଣ ଶିକ୍ଷାଦାନ ପ୍ରକ୍ରିୟାରେ ଉନ୍ନତି ଆଣିବା ।
- ପିଲାର ବିଭିନ୍ନ ବିଷୟରେ ଅଗ୍ରଗତି ସମ୍ବନ୍ଧରେ ଅଭିଭାବକଙ୍କୁ ଅବଗତ କରାଇବା ।
- ପିଲାଙ୍କ ମନରୁ ଆକଳନ ସମ୍ବନ୍ଧୀୟ ଭୟ ଦୂରୀଭୂତ କରିବା ।
- ସହଭାଗିତା ମାଧ୍ୟମରେ ଶିଖିବାକୁ ପ୍ରୋତ୍ସାହନ ଏବଂ ସହାୟତା ଦେବା ।

**୪. ଆକଳନର ମୁଖ୍ୟ ସୋପାନଗୁଡ଼ିକୁ ସଂକ୍ଷେପରେ ବର୍ଣ୍ଣନା କର ।**

ଉତ୍ତର- ଆକଳନର ପ୍ରକ୍ରିୟା ହେଉଛି ବୃତ୍ତାକାର ଏବଂ ନିରନ୍ତର । ଏହା ଦର୍ଶାଇଛି ଯେ ଆକଳନ ହେଉଛି ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟାର ଏକ ଅଭିନ୍ନ ଏବଂ ଯାହା ଆରମ୍ଭ ଏବଂ ଶେଷ ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟାରେ ହୋଇଥାଏ । ଏହାର ୩ଟି ପ୍ରମୁଖ ସୋପାନ ରହିଛି ।

କ. ପିଲାଙ୍କ ସମ୍ପର୍କରେ ମତାମତ ସଂଗ୍ରହ - ଆକଳନ ହେଉଛି ପିଲା ସମ୍ବନ୍ଧରେ ମତାମତ ସଂଗ୍ରହ ଏବଂ ସିଦ୍ଧାନ୍ତୀକରଣରେ ସଂଗ୍ରହ କରାଯାଉଥିବା ବ୍ୟବସ୍ଥାପିତ ପଦ୍ଧତି । ଏହି ତଥ୍ୟ ସଂଗ୍ରହ କରିବା ପଦ୍ଧତିରେ ଦୁଇଟି ବିଷୟ ଗୁରୁତ୍ୱପୂର୍ଣ୍ଣ । ପ୍ରଥମତଃ ବିଭିନ୍ନ ଉତ୍ସରୁ ତଥ୍ୟ ସଂଗ୍ରହ କରିବା ଦ୍ୱିତୀୟତଃ, ବିଭିନ୍ନ ପ୍ରକାର କୌଶଳ ଓ ସାଧନୀର ବ୍ୟବହାର ।

ଖ. ତଥ୍ୟର ବିବରଣୀ ପ୍ରଦାନ/ଲିଖିତ ପ୍ରମାଣ - ପିଲାମାନଙ୍କର ନ୍ୟସ୍ତ କାର୍ଯ୍ୟର ପ୍ରଦର୍ଶନ ସମ୍ବନ୍ଧରେ ଟିପଣୀ ଦେବା ଏବଂ ପିଲା କଣ ଜାଣିଛି ଏବଂ କିଭଳି ବ୍ୟବହାର କରୁଛି ଉନ୍ନତିରେ କଣ ଆବଶ୍ୟକତା ରହିଛି ତାହା ହେଉଛି ଲିଖିତ ପ୍ରମାଣର ଅନ୍ତର୍ଭୁକ୍ତ ।

ଗ. ସଂଗୃହୀତ ତଥ୍ୟକୁ ଲିଖିତ ପ୍ରମାଣ ସ୍ୱରୂପ ରଖିବା, ତା'ପରେ ସଂଗୃହୀତ ତଥ୍ୟର ସ୍ପଷ୍ଟୀକରଣ କରିବା । ଶିକ୍ଷଣ ପ୍ରକ୍ରିୟାରେ ଶିକ୍ଷାର୍ଥୀର ସ୍ଥାନ କେଉଁଠି ଏବଂ ଶିକ୍ଷାର୍ଥୀ କେଉଁ ଦିଗରେ ସହାୟତାର ଆବଶ୍ୟକତା ରହିଛି ତା ସମ୍ବନ୍ଧରେ ବୁଝିବାରେ ସାହାଯ୍ୟ କରେ ।

**ନିଜ ଅଗ୍ରଗତି ଆକଳନ -୨**

୧. ନିରନ୍ତର ସାମଗ୍ରିକ ମୂଲ୍ୟାୟନ ସମ୍ପର୍କରେ ବର୍ଣ୍ଣନା କର ।

ଉତ୍ତର- 'ନିରନ୍ତର' ଶବ୍ଦଟି ଶିକ୍ଷାର୍ଥୀଙ୍କୁ ନିରନ୍ତର ଅନୁଧ୍ୟାନ କରି ସେମାନଙ୍କ ଶିକ୍ଷଣ ଓ ପ୍ରଗତି ସମ୍ପର୍କରେ ତଥ୍ୟ ସଂଗ୍ରହକୁ ବୁଝାଇଥାଏ । ନିୟମିତ ବ୍ୟବଧାନରେ ଏହି ତଥ୍ୟକୁ ଶିକ୍ଷାର୍ଥୀଙ୍କ ଶିକ୍ଷଣ ଓ ପ୍ରଗତିର ସ୍ତର ନିର୍ଦ୍ଧାରଣ କରାଯାଏ । ଯେପରି ଶିକ୍ଷାର୍ଥୀଟିଏ ବିଦ୍ୟାଳୟରେ ପ୍ରବେଶ କରିବା ପୂର୍ବରୁ ମୂଲ୍ୟାୟନ କରି ତାର ପ୍ରବେଶିକା ଯୋଗ୍ୟତା ନିର୍ଣ୍ଣୟ କରାଇବା, ପଢ଼ାଇବାବେଳେ ପ୍ରତ୍ୟେକ ପାଠର ଗଠନମୂଳକ ମୂଲ୍ୟାୟନ କରି ପିଲାଟି ଅଧିକ ପାଠକୁ ହୃଦ୍‌ବୋଧ କରିବାରେ ତାର ଦୋଷ ଦୁର୍ବଳତା ଚିହ୍ନଟ କରି ଉପଯୁକ୍ତ ପ୍ରତିକାରମୂଳକ ବ୍ୟବସ୍ଥା ଅବଲମ୍ବନ କରିବା ଇତ୍ୟାଦିକୁ ହିଁ ନିରନ୍ତର ମୂଲ୍ୟାୟନ କୁହାଯାଏ । ସାମଗ୍ରିକ ଶବ୍ଦଟି ମୂଲ୍ୟାୟନ, କ୍ଷେତ୍ର, ସାଧନ ପନ୍ଥା ଓ ତଥ୍ୟର ବ୍ୟାପକତାକୁ ବୁଝାଏ । ସାମଗ୍ରିକ ମୂଲ୍ୟାୟନ ପାଇଁ ଶିକ୍ଷକ ପାଠ୍ୟକ୍ରମ ଅନ୍ତର୍ଗତ ସମସ୍ତ ବିଷୟ ସହ କଳାଶିକ୍ଷା, ସ୍ୱାସ୍ଥ୍ୟ ଶାରୀରିକ ଶିକ୍ଷା, କର୍ମାନୁଭୂତି ଶିକ୍ଷା, ଅନ୍ୟାନ୍ୟ ଶୈକ୍ଷିକ କାର୍ଯ୍ୟ ଏବଂ ବ୍ୟକ୍ତିଗତ ସାମାଜିକ ଗୁଣାବଳୀକୁ ସମାନ ଗୁରୁତ୍ୱ ଦେଇଥାନ୍ତି । ବିଭିନ୍ନ ପ୍ରକାରର ମୂଲ୍ୟାୟନ ସାଧନ ଓ କୌଶଳ ବ୍ୟବହାର କରି ଶିକ୍ଷକ ବିଭିନ୍ନ ସୂତ୍ରରୁ ପ୍ରତ୍ୟେକ ଶିକ୍ଷାର୍ଥୀର ଶିକ୍ଷଣ ଓ ପ୍ରଗତି ସମ୍ପର୍କରେ ପରିଣାମାତ୍ମକ ଓ ଗୁଣାତ୍ମକ ତଥ୍ୟ ସଂଗ୍ରହ କରନ୍ତି । ଶିକ୍ଷଣ ପ୍ରକ୍ରିୟା ଦ୍ୱାରା ଶିକ୍ଷାର୍ଥୀମାନଙ୍କର ବୌଦ୍ଧିକ ବିକାଶ କେତେଦୂର ସାଧିତ ହୋଇପାରିଛି ଏବଂ ଅନ୍ୟାନ୍ୟ ଶୈକ୍ଷିକ ଦିଗ ଯଥା ଆଗ୍ରହ, ଅଭିରୁଚି, ବ୍ୟକ୍ତିଗତ ଓ ସାମାଜିକ ଗୁଣ ଉପଯୁକ୍ତ ମନୋବୃତ୍ତି ଏବଂ ଶାରୀରିକ ଅଭିବୃଦ୍ଧି ଆଦିରେ ସେମାନଙ୍କର କେତେଦୂର ପ୍ରଗତି ହୋଇପାରିଛି ଏସବୁ ବିଷୟରେ ମୂଲ୍ୟାୟନ କରିବା ପଦ୍ଧତିକୁ ସାମଗ୍ରିକ ମୂଲ୍ୟାୟନ କୁହାଯାଏ ।

ଟିପ୍ପଣୀ

**ନିଜ ଅଗ୍ରଗତି ଆକଳନ- ୩**

୩. ଶିକ୍ଷାର୍ଥୀମାନେ କରୁଥିବା ବିଭିନ୍ନ କାର୍ଯ୍ୟ ଯାହାକୁ କୃତି ଆକଳନ ପାଇଁ ନିଆଯାଇପାରିବ ତାହାର ଏକ ତାଲିକା ପ୍ରସ୍ତୁତ କର ।

ଉତ୍ତର- ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପିଲାମାନଙ୍କର କୃତି ସଂଗ୍ରହ କରାଯାଇଥାଏ । ଏହା ଦୈନନ୍ଦିନ କାର୍ଯ୍ୟ ବା ସର୍ବୋତ୍କୃଷ୍ଟ ଚୟନ ହୋଇପାରେ । କୃତି ମୂଲ୍ୟାୟନ ବିଭିନ୍ନ ପ୍ରକାରର ହୋଇପାରେ ଯଥା-

- ଲିଖିତ ସାମଗ୍ରୀ- କାର୍ଯ୍ୟଫର୍ଦ୍ଦ, ସୃଜନାତ୍ମକ ଲିଖନ, ପରଖିବା, କାର୍ଯ୍ୟର ବିବରଣୀ ଇତ୍ୟାଦି
- ବିଭିନ୍ନ ପ୍ରକାର ଚିତ୍ରାଙ୍କନ -ପଶୁ, ପକ୍ଷୀ, ଗଛ ଲତା ।
- ହସ୍ତକର୍ମ- ପେପର ଫୋଲ୍ଡିଂ, ପେପର କାଟିବା ।
- ବିଭିନ୍ନ ଜିନିଷ ସଂଗ୍ରହ କରିବା ।
- ବିଚାର କରିବାର ଦକ୍ଷତା, ସାମାଜିକ ଗୁଣାବଳୀ ।
- ସ୍ୱ-ମୂଲ୍ୟାୟନ ଫର୍ଦ୍ଦ ଆକଳନର ନମୂନା ।

୪. ରୁବ୍ରିକ୍ସର ଉପାଦେୟତାଗୁଡିକ ଲେଖ ।

ଉତ୍ତର- ଶିକ୍ଷାର୍ଥୀର କଳ୍ପନା, ଚିନ୍ତାଶକ୍ତି, ସଂହତି ଓ ଭାବଧାରାକୁ ଆଧାର କରି ବର୍ଣ୍ଣନା କରିବାର ଶୈଳୀକୁ ଆକଳନ କରାଯାଏ । ଏଥିରେ ପ୍ରଥମେ ଦିଗଗୁଡିକ ନିର୍ଦ୍ଧାରଣ କରାଯିବ । ଦିଗଗୁଡିକରେ ପିଲାର ସ୍ଥିତି ଜାଣିବା ପାଇଁ ବିଭିନ୍ନ ସ୍ତର ସ୍ଥିରୀକୃତ କରାଯିବ । ପ୍ରତ୍ୟେକ ସ୍ତରକୁ ବିସ୍ତୃତ ଭାବେ ବର୍ଣ୍ଣନା କରାଯିବ । ଶିକ୍ଷାର୍ଥୀଟି ନିର୍ଦ୍ଦିଷ୍ଟ ଭାବରେ ପ୍ରତ୍ୟେକ ଦିଗରେ କେଉଁ ସ୍ତରରେ ଅଛି ତାହା ରୁବ୍ରିକ୍ସ ମାଧ୍ୟମରେ ଜାଣି ହେବ । ରୁବ୍ରିକ୍ସର ବିଭିନ୍ନ ଉପାଦେୟତାଗୁଡିକ ହେଲା-

- ଏହା ଶିକ୍ଷାର୍ଥୀଙ୍କର ପ୍ରଦର୍ଶନ ଓ ଉନ୍ନତିର ସହାୟକ ହୋଇଥାଏ ।
- ନିଜ କାମର ଗୁଣାତ୍ମକ ବିଚାରରେ ସହାୟକ ହୋଇଥାଏ ।
- ଆକଳନକୁ ଅଧିକ ଉଦ୍ଦେଶ୍ୟଭିତ୍ତିକ ଏବଂ ଦୃଢ କରିଥାଏ ।
- ଶିକ୍ଷକଙ୍କ ଦ୍ୱାରା ପିଲାମାନଙ୍କର କରାଯାଇଥିବା ମୂଲ୍ୟାୟନ ସମୟ ଅବଧିକୁ କମ କରିଥାଏ ।
- ସୂଚନାର ପ୍ରଭାବକାରିତା ସମ୍ବନ୍ଧରେ ଶିକ୍ଷକମାନଙ୍କୁ ଉପଯୁକ୍ତ ପ୍ରତିପୃଷ୍ଟି ଯୋଗାଇଥାଏ ।

## ୯.୮ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

Anastasi, A. (1988) : Psychological Testing (6th Ed.), Macmillan Publishing Company, New Delhi.

Gronlund, N.E. & Linn, R.L. (1990) : Measurement and Evaluation in Teaching, Macmillan Publishing Company, New York.

NCERT (2000): Grading in schools, New Delhi.

NCERT (2001): Using Grades for Admissions, New Delhi.

NCERT (2003): Continuous and Comprehensive Evaluation – Teachers Handbook for Primary Stage, New Delhi.

NCERT (2005): National Curriculum Framework 2005, New Delhi.

NCERT (2005): National Curriculum Framework 2005: Syllabus for Classes at the Elementary Level, New Delhi

NCERT (2006): Position Paper: National Focus Group on Teaching of Social Sciences, New Delhi

NCERT (2008): Source Book on Assessment for Classes I-V: Environmental Studies, New Delhi.

Senapaty, H.K. (2010): Alternative Assessment: Role of ICT, Journal of Engineering,

Science and Management Education, Vol.1 of 2010, pp.39-50.

Shukla, C. (2004) : Assessment and Evaluation in Higher Education, Vedams Books (P) Ltd. New Delhi.



## ୯.୯ ପାଠାନ୍ତ ପ୍ରଶ୍ନାବଳୀ

୧. ପ୍ରାଥମିକସ୍ତରରେ ବର୍ତ୍ତମାନ ପଦ୍ଧତିରେ ଶିକ୍ଷାର୍ଥୀମାନଙ୍କର ମୂଲ୍ୟାୟନର ଦୋଷ ତ୍ରୁଟିଗୁଡିକର ତାଲିକା ପ୍ରସ୍ତୁତ କର ।

୨. ମାର୍କିଂ ଓ ଗ୍ରେଡ୍ ବ୍ୟବସ୍ଥାରେ ସୁବିଧା ଓ ଅସୁବିଧାଗୁଡ଼ିକ ବର୍ଣ୍ଣନା କର ।

୩. ମୂଲ୍ୟ ନିର୍ଦ୍ଧାରଣର ଧାରଣା ଓ ଉଦ୍ଦେଶ୍ୟଗୁଡ଼ିକ ବର୍ଣ୍ଣନା କର ।

୪. ସାଂପ୍ରତିକ ସ୍ଥିତିରେ ସାମାଜିକ-ବ୍ୟକ୍ତିଗତ ଗୁଣାବଳୀଗୁଡ଼ିକ ବର୍ଣ୍ଣନା କର ।

୫. ଶୀର୍ଷକ କଣ ? ଶିକ୍ଷାର୍ଥୀ ଓ ଶିକ୍ଷକଙ୍କ ନିମନ୍ତେ ଏହାର କାର୍ଯ୍ୟକାରିତାଗୁଡ଼ିକ ବର୍ଣ୍ଣନା କର ।